
ଧରିତ୍ରୀ
DHARITRI

August 6-12, 2023 ₹ 2/-

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

ବିପଦରେ ଯିଏ ପାଖରେ
ଛିଡ଼ା ହୁଅନ୍ତି। ବିନା ସ୍ୱାର୍ଥ ଆଉ
ସର୍ତ୍ତରେ ଯିଏ ସାହାଯ୍ୟର ହାତ
ବଢ଼ାଇଥାନ୍ତି ସେ ହିଁ ପ୍ରକୃତ ବନ୍ଧୁ।
ଯେ କେବଳ ଭାଗ୍ୟବାନ
ଲୋକଙ୍କୁ ହିଁ ମିଳିଥାନ୍ତି...

## ବନ୍ଧୁ ପାଇଁ..

## ବନ୍ଧୁତ୍ୱକୁ ଦୃଢ଼ କରିବା ପାଇଁ...

**ସୁଖ, ଦୁଃଖ, ବିପଦ, ଆପଦରେ ଯିଏ ନିଜର ସ୍ୱାର୍ଥ ଭୁଲି ସାହାଯ୍ୟର ହାତ ବଢ଼ାଇ ଦିଏ ତାକୁ ହିଁ ପ୍ରକୃତ ବନ୍ଧୁ କୁହାଯାଏ। ହେଲେ ବେଳେବେଳେ ସାମାନ୍ୟ ଭୁଲ୍ ପାଇଁ ଏ ସମ୍ପର୍କରେ ଫାଟ ସୃଷ୍ଟି ହୋଇଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, କେତୋଟି କଥା ପ୍ରତି ଗୁରୁତ୍ୱ ଦେଲେ ବନ୍ଧୁତ୍ୱରେ ସହଜରେ ଫାଟ ସୃଷ୍ଟି ହେବନାହିଁ...**

✲ ଅନେକେ ଭାବୁଥିବେ ସାଙ୍ଗ ସହିତ ମିଶିକି ଏକାଠି ଖାଇଲେ ଭଲ ପାଇବା ବଢ଼ିଥାଏ। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ସାଙ୍ଗକୁ ଅଇଠା ଖାଇବାକୁ ଦେଲେ ବନ୍ଧୁତାରେ କୁଆଡ଼େ ଫାଟ ସୃଷ୍ଟି ହୋଇଥାଏ।

✲ ସାଙ୍ଗକୁ ରୁମାଲ, ପରଫ୍ୟୁମ୍ ଆଦି ଗିଫ୍ଟ ଦେବା ବି ବାସ୍ତୁଶାସ୍ତ୍ରରେ ମନା କରାଯାଇଛି। କାରଣ ଏହାଦ୍ୱାରା ବନ୍ଧୁ ଉପରେ ଥିବା ଭରସା କ୍ଷୁଣ୍ଣ ହୋଇଥାଏ ବୋଲି କୁହାଯାଏ।



✲ ଘରର ମୁଖ୍ୟଦ୍ୱାରର ଭିତର ପାର୍ଶ୍ୱ ହେଉ ଅବା ବାହାର ପାର୍ଶ୍ୱରେ ଆବର୍ଜନା ଗଦେଇ ରଖିଲେ ବି ବନ୍ଧୁତ୍ୱରେ ଫାଟ ସୃଷ୍ଟି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ ସାଙ୍ଗମାନଙ୍କୁ କଳା ରଙ୍ଗର କୌଣସି ଜିନିଷ ଗିଫ୍ଟ ଆକାରରେ ଦେବା ବି ଠିକ୍ ନୁହେଁ। କାରଣ କଳା ରଙ୍ଗ ରାହୁକୁ ପ୍ରଭାବିତ କରିଥାଏ ; ଯାହାକି ବନ୍ଧୁତ୍ୱ ପାଇଁ ଆଦୌ ଶୁଭପ୍ରଦ ନୁହେଁ।

✲ ଶନିବାର ଦିନ ସାଙ୍ଗଠାରୁ ଟଙ୍କା ଧାର ଆଣିବେ ନାହିଁ କି ଦେବେ ନାହିଁ। ଝଗଡ଼ା ବି କରିବେ ନାହିଁ। ଏପରି କଲେ ଶନିଦେବଙ୍କର କୁଦୃଷ୍ଟି ଆପଣଙ୍କ ବନ୍ଧୁତ୍ୱ ଉପରେ ପଡ଼ିବ ; ଯଦ୍ୱାରା ସମ୍ପର୍କରେ ଫାଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେବ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅଗଷ୍ଟ ୬-୧୨**

**ମେଷ**
କର୍ମଦକ୍ଷତାର ପ୍ରଶଂସା, କଠିନପରିଶ୍ରମରୁ କ୍ଲାନ୍ତି, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ସାମାଜିକ ସ୍ତରରେ ମିତ୍ରତା, ଦୂରଯାତ୍ରା କରିବେ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ, ଆମୋଦ ପ୍ରମୋଦର ମଉକା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ବ୍ୟବସାୟିକ ସଫଳତା ॥

**ବୃଷ**
ପାରିବାରିକ ସୌହାର୍ଦ୍ଦ୍ୟ, ନୂଆସମ୍ପର୍କ ଯୋଡିବେ, କାର୍ଯ୍ୟ ତ୍ୱରାନ୍ୱିତ ହେବ, ପରିଜନଙ୍କ ପରାମର୍ଶ, ଭୁଲ୍ ଖବରରୁ ବ୍ୟସ୍ତତା, ଭ୍ରମଣହେତୁକ କ୍ଲାନ୍ତି, ଖର୍ଚ୍ଚଭାର ବୃଦ୍ଧି, କର୍ମକ୍ଷେତ୍ରରେ ସମ୍ମାନ, ଗୃହ ବିବାଦରୁ ମନସ୍ତାପ ॥

**ମିଥୁନ**
ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ସହଯୋଗ, ଦୂରଯାତ୍ରାର ପ୍ରସ୍ତୁତି, ପଡୋଶୀଙ୍କ ଅନୁରକ୍ତି, ପରିସ୍ଥିତି ବଦଳିବ, ଖର୍ଚ୍ଚାନ୍ତ ହେବେ, ସହକର୍ମୀଙ୍କ ଅଭିଯୋଗ, ସାହିତ୍ୟକୃତିରୁ ପ୍ରଶଂସା, ଗବେଷଣାରେ ଅଗ୍ରଗତି ॥

**କର୍କଟ**
ନୂତନ ଯୋଜନାରମ୍ଭ, ଆରମ୍ଭରୁ ପ୍ରତିବନ୍ଧକ, ଅର୍ଥପ୍ରାପ୍ତିରେ ବିଳମ୍ବ, ସମସ୍ୟା ବୃଦ୍ଧି ପାଇବ, ପାରିବାରିକ ମତାନ୍ତର, ଯାନବାହନରେ ତ୍ରୁଟି, ଯାତ୍ରାସ୍ଥଗିତ ରହିବ, ପ୍ରଶାସନିକ ସଫଳତା ॥

**ସିଂହ**
ବିବାଦୀୟ ସ୍ଥିତି ଉପୁଜିବ, ବନ୍ଧୁଙ୍କ ମଧ୍ୟସ୍ଥତା, ଅର୍ଥସଂକଟ ଦୂର ହେବ, ଭ୍ରାତୃ ସମ୍ପର୍କରେ ଉନ୍ନତି, ରିଏଲ୍ଇଷ୍ଟେଟରେ ସମସ୍ୟା, ଆଇନ ସହାୟତାପ୍ରାପ୍ତି, କରଜଦାତାଙ୍କ ଚାପ, ନିଯୁକ୍ତି ଖବର ପାଇବେ।

**କନ୍ୟା**
ଦୈହିକ ଦୁର୍ବଳତା, ଅବହେଳାରୁ କୈଫିୟତ, କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ଦ୍ୱିରୁକ୍ତି, ନିର୍ମାଣରେ ପ୍ରତିବନ୍ଧକ, ଯାନ୍ତ୍ରିକ ଜିନିଷ କ୍ରୟ, ସମ୍ମାନନୀୟ ବ୍ୟକ୍ତିଙ୍କ ସହାୟତା, କଳାକ୍ରୀଡାରେ ବିବାଦ, ବନ୍ଧୁ ସହ ମନାନ୍ତର ॥

**ତୁଳା**
ଶୁଭଖବର ପାଇବେ, ଆରୋଗ୍ୟଲାଭରୁ ଆଶ୍ୱସ୍ତି, ବନ୍ଧୁମିଳନରୁ ଆନନ୍ଦ, ଆନୁଷ୍ଠାନିକ କର୍ମାରମ୍ଭ, ପଡୋଶୀଙ୍କ ଅନୁରକ୍ତି, ସଭାସମିତିକୁ ନିମନ୍ତ୍ରଣ, କୃତିତ୍ୱର ପ୍ରଶଂସା, ସୁସମ୍ପର୍କ ଫେରିବ, ସ୍ଥାନାନ୍ତରର ସୂଚନା ॥

**ବିଛା**
କୃତକର୍ମରୁ ଅନୁତାପ, ବନ୍ଧୁଙ୍କ ପ୍ରତାରଣା, ନୀଚଜନ ସହ ବିବାଦ, ଯାତ୍ରାର ପ୍ରସ୍ତୁତି, ଭୁଲ୍ ବୁଝାମଣାରୁ କଳହ, ରାଜନୈତିକ ବିବାଦ, ପ୍ରଶାସନିକ ତତ୍ପରତା, ସ୍ୱର୍ଣ୍ଣାଳଙ୍କାର କ୍ରୟ, ବିବାଦର ଅବସାନ, ବୃତ୍ତିବାଣିଜ୍ୟରେ ଉନ୍ନତି, କଳାପ୍ରିୟ ହେବେ।

**ଧନୁ**
ପ୍ରିୟବନ୍ଧୁଙ୍କ ସାନ୍ନିଧ, ଧର୍ମକାର୍ଯ୍ୟ କରିବେ, ଆନୁସଙ୍ଗିକ ସହଯୋଗ, ଜମିଜମା କାରବାର, ସମାଲୋଚିତ ହେବେ, ଅଗ୍ରଗତିରେ ପ୍ରତିବନ୍ଧକ, ଲେଖାପଢ଼ାରେ ଏକାଗ୍ରତା, ପ୍ରତିରୋଧ ଦୂର ହେବ ॥

**ମକର**
ଆଶାପୂରଣରେ ଦିଗହରା, ମିତ୍ରତା ବନ୍ଧନରେ ଶିଥିଳତା, ପରିବାରରେ ପକ୍ଷପାତିତା, ପୈତୃକ ସମ୍ପତିକୁ ନେ ..କଳହ, ବୟସ୍କଙ୍କ ପରାମର୍ଶ, ଅଶୌଚଖବର ପାଇପାରନ୍ତି, ଆର୍ଥିକ ଅନଟନରୁ ଟେନ୍ସନ, ମକଦ୍ଦମାରେ ବାଇଦା, ମଧ୍ୟସ୍ଥତାରୁ ଶତ୍ରୁତା, ସନ୍ତାନଙ୍କ ବିଶୃଙ୍ଖଳା ॥

**କୁମ୍ଭ**
ଫଳପ୍ରଦ ଆଲୋଚନା, ସମୟାନୁବର୍ତ୍ତିତାରୁ ପ୍ରଶଂସା, କର୍ମକ୍ଷେତ୍ରରେ ପଦୋନ୍ନତି, ବନ୍ଧୁବର୍ଗଙ୍କ ପ୍ରଶଂସା, ଅସାବଧାନତାରୁ ସମସ୍ୟା, ଦୂରଯାତ୍ରା କରିପାରନ୍ତି, ଆଶାପୂରଣ ହେବ, କାମ ପୂର୍ଣ୍ଣାଙ୍ଗ ହେବ, ବ୍ୟାଙ୍କ ଲୋନ୍ ପାଇବେ, ସତ୍ ସଙ୍ଗର ସୁଯୋଗ ॥

**ମୀନ**
ସାହସିକ ପଦକ୍ଷେପ, କାର୍ଯ୍ୟସିଦ୍ଧିର ସୂଚନା, ଉପରିସ୍ଥଙ୍କ ଅନୁକମ୍ପା, ବୈଷୟିକ ଅଭିବୃଦ୍ଧି, ପାରିବାରିକ ଶାନ୍ତି, ପ୍ରୋତ୍ସାହନ ପାଇବେ, ସରକାରୀ ସହୟତା, ଠକାମିରେ ପଡିପାରନ୍ତି, ଅପପ୍ରଚାରରୁ ଅଶାନ୍ତି, ବିଦେଶଯାତ୍ରାର ସୁଯୋଗ।

# ଫ୍ରେଣ୍ଡଶିପ୍ ପ୍ଲାଣ୍ଟ

**ଜେ**ଡ୍ ପ୍ଲାଣ୍ଟ ହେଉଛି ଏକପ୍ରକାର ଇଣ୍ଡୋର ପ୍ଲାଣ୍ଟ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ପ୍ଲାଣ୍ଟକୁ ଲକି ପ୍ଲାଣ୍ଟ ତଥା ଫ୍ରେଣ୍ଡଶିପ୍ ପ୍ଲାଣ୍ଟ ବି କୁହାଯାଇଥାଏ। କାରଣ ଏହି ଗଛକୁ ଘରେ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ବନ୍ଧୁତା ନିବିଡ଼ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଭାଗ୍ୟ ଓ ଧନକୁ ସ୍ୱାଗତ କରୁଥିବା ଏହି ଗଛକୁ ଘରର ମୁଖ୍ୟଦ୍ୱାର ନିକଟରେ ରଖିବା ଅତ୍ୟନ୍ତ ଶୁଭପ୍ରଦ ହୋଇଥାଏ। କାରଣ ମୁଖ୍ୟଦ୍ୱାର ପାଖରେ ଏହା ରହିଲେ, ଘରକୁ ପ୍ରବେଶ କରୁଥିବା ନକାରାତ୍ମକ ଉର୍ଜାକୁ ଏହା ରୋକିଥାଏ। ମୁଖ୍ୟଦ୍ୱାର ବ୍ୟତୀତ ଏହାକୁ ଘରର ହଲ୍ କିମ୍ବା ଡ୍ରଇଂ ରୁମ୍ର ଦକ୍ଷିଣ-ପୂର୍ବ ଦିଗ ଏପରି କି ଲିଭିଂ ରୁମ୍ର ଝରକା ପାଖରେ ବି ରଖିପାରିବେ। ଧ୍ୟାନ ଦେବେ ଏହି ଗଛକୁ ମଝିରେ ମଝିରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିବେ। କାରଣ ଏହି ଗଛ ଉପରେ ଆଲୋକ ପଡିଲେ, ଏହା ସକାରାତ୍ମକ ଉର୍ଜା ଉତ୍ପନ୍ନ କରି ଘରେ ସୁଖସମୃଦ୍ଧି ବୃଦ୍ଧି କରିଥାଏ। ତା'ସହିତ ପରିବାରର ସଦସ୍ୟଙ୍କ ଭିତରେ ଉତ୍ସାହ ଓ ଆତ୍ମବିଶ୍ୱାସ ମଧ୍ୟ ଭରି ଦେଇଥାଏ। ଯେହେତୁ ଏହି ଗଛର ସମ୍ପର୍କ ଧନ ସହିତ



ରହିଛି ତେଣୁ ଏହାକୁ କେବେ ବି ଅନ୍ଧାରୁଆ ତଥା ଅପରିଷ୍କାର ସ୍ଥାନରେ ରଖିବେ ନାହିଁ। ବେଡ୍ରୁମ୍ରେ ମଧ୍ୟ ଏହାକୁ ରଖିବା ଶୁଭପ୍ରଦ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ତା'ସହିତ ଏହି ଗଛକୁ କେବେ ବି ୩ ଫୁଟରୁ ଅଧିକ ବଢ଼ିବାକୁ ଦେବା ଠିକ୍ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ପାଠକୀୟ

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲ୍ମ୍ୟାନ୍ ଡ. ଅବଦୁଲ କଲାମଙ୍କ ଅନ୍ୟତମ କର୍ମଭୂମି ଭାବେ ପରିଚିତ ଭଦ୍ରକର ହ୍ୱିଲର ଦ୍ୱୀପପୁଞ୍ଜ। ପରବର୍ତ୍ତୀ ସମୟରେ ତାହା ଅବଦୁଲ କଲାମ ଆଇଲାଣ୍ଡ ନାମରେ ନାମିତ ହୋଇଛି। ତାଙ୍କର ସେଇ କର୍ମଭୂମି ସମ୍ପର୍କରେ ଏଥରର ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗରେ ପଢ଼ି ଅନେକ ଅଜଣା କଥା ଜାଣିହେଲା। 'ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜା କରିବାର ନିୟମ' ଓ 'ନିଜ ଖୁସି ନିଜ ହାତରେ' ଆଦି ପାଠଦୁଇଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

*– ମହାମାୟା ନାୟକ, କେସୁରା, ଭୁବନେଶ୍ୱର*

ଭଦ୍ରକ ଜିଲା, ଚାନ୍ଦବାଲି ତହସିଲ ଅଧୀନରେ ରହିଛି ହ୍ୱିଲର ଦ୍ୱୀପପୁଞ୍ଜ ; ଯାହା ୫ଟି ଦ୍ୱୀପର ସମାହାର। ଡିଆର୍ଡିଓର ତତ୍କାଳୀନ ନିର୍ଦ୍ଦେଶକ ଡ. ଏପିଜେ ଅବଦୁଲ କଲାମଙ୍କ ଉଦ୍ୟମରେ ଏହା ବିଶ୍ୱର ଏକ କ୍ଷେପଣାସ୍ତ୍ର ଘାଟି ଭାବରେ ପରିଚିତ ହେଲା। କଲାମଙ୍କ କର୍ମଭୂମି ଭାବେ ବି ଏହାର ରହିଛି ଭିନ୍ନ ଏକ ପରିଚୟ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ପ୍ରେରଣାଦାୟୀ ଥିଲା। 'ନିଆରା ଛତା' ପାଠଟି ବି ଆଶ୍ଚର୍ଯ୍ୟକର ହୋଇଥିଲା।

*– ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ-୨*

ବ୍ୟକ୍ତିତ୍ୱ ପୃଷ୍ଠାରୁ 'ସେବା, ସାହିତ୍ୟ ପ୍ରତି ସମର୍ପିତ' କବୟିତ୍ରୀ ଅମିୟବାଳା ପଟ୍ଟନାୟକଙ୍କର ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଅନ୍ଧପୁତୁଳି' ଶୀର୍ଷକ ଗପଟି ବେଶ୍ ଶିକ୍ଷଣୀୟ ହୋଇଥିଲା। 'ଅନୁଚିନ୍ତା', 'ମୁଁ', 'ଅଲରା ସ୍ୱପ୍ନ' ଶୀର୍ଷକ କବିତାଗୁଡ଼ିକ ବି ଖୁବ୍ ମନଛୁଆଁ ଥିଲା।

*– ନିର୍ମଳଚନ୍ଦ୍ର ଭୂୟାଁ, ନୟାଗଡ଼*

ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। 'ଦୃଢମନା ଅମରିନ୍', 'କ୍ୟାଟ୍ରିନାଙ୍କ ପୂଜାପାଠ', 'ମନେ ପଡ଼େ ସେହି ଦରଖାସ୍ତ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବି ଖୁବ୍ ମଜାଦାର୍ ଥିଲା। ସାହିତ୍ୟିକ ଇଂ.ଅଶୋକ କୁମାର ପଟ୍ଟନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା। 'ଭୂତ କଣ୍ଢେଇ' ପାଠଟି ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ହୋଇଥିଲା।

*– ପଲ୍ଲବୀ ପ୍ରିୟଦର୍ଶିନୀ, ସମ୍ବଲପୁର*

ମଡେଲ୍ ମିରର୍ରେ ସୁଦୀପ୍ତା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'ଋଷିକେଶ ନୀଳକଣ୍ଠ ମହାଦେବ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ଅ ରୁ କ୍ଷ'କୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ବ୍ୟଙ୍ଗଟି ବି ସତରେ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। 'ଗଛକୁ ଧଳା, ଲାଲ ରଙ୍ଗରେ ରଙ୍ଗାଯାଏ କାହିଁକି', 'କୁକୁର ଚୋବାଇ ପାରିବେନି ଏହି ଚପଲକୁ', 'ପାଟି ଜଳିଯିବ ଖାଇଲେ ଏଇ ଆଇସ୍କ୍ରିମ୍' ଆଦି ପାଠଗୁଡ଼ିକ ସତରେ ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*– ମମତା ସେଠୀ, ମୟୂରଭଞ୍ଜ*



## ବିଶେଷ ଚିଠି

**ଭା**ରତର ଥିଲେ ସେ ରାଷ୍ଟ୍ରପତି
ତାଙ୍କ ରୁଚି ଥିଲା ବିଜ୍ଞାନ ପ୍ରତି
ମିଶାଇଲମ୍ୟାନ୍ ଭାବରେ ଖ୍ୟାତ
ଡ. ଅବଦୁଲ କଲାମଙ୍କୁ ଝୁରେ ଜଗତ
ତାଙ୍କ ନୀତିବାଣୀ ତାଙ୍କରି କୃତୀ
ନୂଆ ସୃଷ୍ଟି ପାଇଁ ଯୋଗାଏ ଶକ୍ତି
କଲାମଙ୍କ କର୍ମଭୂମି ପ୍ରଚ୍ଛଦ ଥିଲା
ପଢ଼ି ବହୁ କଥା ଶିକ୍ଷା ମିଳିଲା
ବ୍ୟକ୍ତିତ୍ୱ, ସୃଜନ ଓ ନିଆରା ଛତା
ନିଆରା ଲାଗିଲା ପ୍ରତିଟି ପୃଷ୍ଠା
ପ୍ରତି ରବିବାରେ ସକାଳୁ ଆସି
ଛୁଟିଦିନ ଭରେ ମନରେ ଖୁସି ।

*–କ୍ଷିତୀଶ ଜେନା, କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ବନ୍ଧୁ ପାଇଁ...

**ବନ୍ଧୁ ହେଉଛି ସିଏ, ଯିଏ ତୁମର ଲୁହକୁ ବୁଝିଥାଏ। ହସ ହସ ମୁହଁ ଭିତରୁ ବି ହୃଦୟରେ ଲୁଚି ରହିଥିବା କୋହକୁ ଦେଖିଥାଏ। ନିଜ ଠାରୁ ଅଧିକ ବିଶ୍ୱାସ ଥାଏ ଯାହା ଉପରେ। ବିନା ସ୍ୱାର୍ଥରେ ଯିଏ ସାହାଯ୍ୟର ହାତ ବଢାଇଦିଏ ସେ ହିଁ ପ୍ରକୃତ ବନ୍ଧୁ; ଯିଏ କେବଳ ଭାଗ୍ୟବାନ ଲୋକଙ୍କୁ ହିଁ ମିଳିଥାଏ। ସେମିତି କେତେଜଣ ବନ୍ଧୁଙ୍କ ସମ୍ପର୍କରେ...**

## ପ୍ରଣୟଙ୍କ ପାଇଁ ନୂଆ ଜୀବନ ପାଇଲି

ଯାଜପୁର ଜିଲା କୋତପୁର ଗାଁର ଦେବବ୍ରତ ଜେନା। ପିଲାଟିଦିନରୁ ଖେଳକୁଦ, ନାଚ, ଗୀତ ପ୍ରତି ତାଙ୍କର ରହିଛି ଖୁବ୍ ଆଗ୍ରହ। ଗାଁରେ ତାଙ୍କର ୬/୭ ଜଣ ଖୁବ୍ ଭଲ ସାଙ୍ଗ ବି ଅଛନ୍ତି। ସେମାନଙ୍କ ଭିତରୁ ଜଣେ ହେଲେ ପ୍ରଣୟ ଜେନା ; ଯିଏକି ଥରେ ଦେବବ୍ରତଙ୍କୁ ମରଣ ମୁହଁରୁ ବଞ୍ଚାଇଥିଲେ। ସେଦିନର ସେହି ଦେହଥରା ଘଟଣାକୁ ମନେପକାଇ ଦେବବ୍ରତ କୁହନ୍ତି, ‘‘ମୁଁ କୋତପୁରରେ ଜନ୍ମ ହୋଇଥିଲେ ହେଁ, ଯାଜପୁର ଟାଉନସ୍ଥିତ ଲାଲ୍‌ବାଗ୍ ଅଞ୍ଚଳରେ ମୋ ଭଉଣୀ ଘରେ ରହି ପାଠ ପଢୁଥିଲି। କିନ୍ତୁ ଯେବେ ବି ଛୁଟି ହୁଏ, ଆମ ଗାଁକୁ ଯାଇ ସେଠି ସାଙ୍ଗମାନଙ୍କ ସହ ଖୁବ୍ ମଜା କରେ। କ୍ରିକେଟ୍ ଖେଳିବା, ଗାଁ ଆମ୍ବତୋଟାରେ ବସି ଆମ୍ବ ଖାଇବା, ଘରେ କାହାକୁ ନ ଜଣାଇ ନଈକୁ ଗାଧୋଇଯିବା, ଗାଁ ଡ୍ରାମାରେ ଗୀତ ଗାଇବା ଓ ନାଚିବା, ଭୋଜି କରିବା ଏମିତି ଅନେକ କିଛି ଆମେ କରିଥାଉ। ମାଟ୍ରିକ୍ ପରୀକ୍ଷା ସରିବା ପରେ ଥରେ ଗାଁକୁ ବୁଲି ଯାଇଥାଏ। ହଠାତ୍ ଦିନେ ସାଙ୍ଗମାନେ ମିଶି ପ୍ଲାନିଂ କଲୁ ନଈକୁ ଗାଧୋଇ ଯିବାକୁ। ଆମ ଗାଁ ପାଖରେ କେଲୁଅ ନଈ ଅଛି ; ଯାହାକି ବ୍ରାହ୍ମଣୀ ନଦୀର ଏକ ଶାଖା। ଆମେ ୬/୭ ଜଣ ସାଙ୍ଗ ମିଶି ସେ ନଈକୁ ଗଲୁ ଗାଧୋଇବାକୁ। ଗାଧୋଉ ଗାଧୋଉ ନଈର ଗଣ୍ଡ ପାଖକୁ ସମସ୍ତେ ପଳେଇଲୁ। ପହଁରା ଜାଣିଥିବାରୁ ଅନ୍ୟମାନେ କୂଳକୁ ଫେରି ଆସିଲେ। ସେମାନେ ଭାବିଲେ ମୁଁ ବି ପଳେଇ ଆସିଛି ବୋଲି। କିନ୍ତୁ ମୁଁ ଆସି ନ ଥିଲି। ପହଁରା ଜଣା ଥିଲେ ବି, ସେଦିନ କ'ଣ ହେଲା କେଜାଣି ମୁଁ ସେ ଗଣ୍ଡରୁ ବାହାରି ପାରିଲିନି। ବରଂ ବୁଡ଼ି ବୁଡ଼ି ଯାଉଥିଲି। ସାଙ୍ଗମାନେ କୂଳକୁ ଆସି ମୋତେ ବୁଡ଼ି ଯାଉଥିବାର ଦେଖି ବହୁତ ଡରିଗଲେ। ତାଙ୍କରି ଭିତରୁ ପ୍ରଣୟ ଖୁବ୍ ସାହସ କରି ପୁଣିଥରେ ମୋ ପାଖକୁ ପହଁରିକି ଆସିଲା ଆଉ ଖୁବ୍ ବଳ ଲଗାଇ ମୋ ହାତକୁ ଟାଣି ଟାଣି ମୋତେ ସେ ଗଣ୍ଡରୁ ବାହାର କରି କୂଳକୁ ନେଇଆସିଲା। ସେତେବେଳକୁ ମୁଁ ନଈ ପାଣି ପିଇ ପିଇ ନିସ୍ତେଜ ହୋଇଯାଇଥାଏ। କୂଳକୁ ଆଣିବା ପରେ ସବୁ ସାଙ୍ଗ ମିଶି ମୋ ହାତଗୋଡ଼ ଆଉଁଶି ପକାଇଲେ, ପେଟ ଚିପି ପିଇଯାଇଥିବା ପାଣିକୁ ବାହାର କରିଦେଲେ। କିଛି ସମୟ ପରେ ମୋତେ ଟିକେ ଭଲ ଲାଗିବାରୁ ଆମେ ଘରକୁ ଫେରିବାକୁ ବାହାରିଲୁ। କିନ୍ତୁ ତା'ପୂର୍ବରୁ ଆମେ ସମସ୍ତେ ଗୋଟେ ନିଷ୍ପତ୍ତି ନେଲୁ ଯେ, ଏ ଘଟଣା ସମ୍ପର୍କରେ ଆମେ କାହାରିକୁ କିଛି ଜଣାଇବୁ ନାହିଁ। ଏତେ ବଡ଼ ଘଟଣା ବିଷୟରେ ଘର ଲୋକେ ସିନା କିଛି ଜାଣିପାରିଲେ ନାହିଁ ହେଲେ ମୋ ମନରେ ତାହା ଘର କରି ରହିଗଲା। ପାଖାପାଖି ୧୫ ଦିନ ପର୍ଯ୍ୟନ୍ତ ଆଉ ନଈକୁ ଗାଧୋଇବାକୁ ଗଲିନାହିଁ। ହେଲେ ପୁଣି ଥରେ ସେହି ପ୍ରଣୟ ହିଁ ମୋ ମନରେ ସାହସ ଦେଇ କହିଲା, ‘ଆରେ, ଡରୁଛୁ କାହିଁକି, ତୁ ପାଣିରେ ବୁଡ଼ିଗଲେ ମୁଁ ଯାଇ ତୋତେ ପୁଣି ଉଦ୍ଧାର କରିଦେବିନି'। ବାସ୍ ତା'ପରଠୁ ପୁଣି ଆମର ନଈରେ ଗାଧୋଇବା ଆରମ୍ଭ ହୋଇଗଲା କିନ୍ତୁ ଭାଗ୍ୟବଶତଃ ଆଉ କିଛି ଅସୁବିଧା ଆମର ହୋଇନି। ସେ ଘଟଣାକୁ ବି ଯା' ଭିତରେ ଅନେକ ବର୍ଷ ବିତିଗଲାଣି। ଏବେ ମୁଁ ଯାଜପୁର ଟାଉନ୍‌ସ୍ଥିତ ୟୁକୋ ବ୍ୟାଙ୍କ୍‌ରେ ମ୍ୟାନେଜର୍ ଭାବେ କାର୍ଯ୍ୟରତ। ସେପଟେ ମୋ ସାଙ୍ଗ ପ୍ରଣୟ ଗାଁରେ ବିଭିନ୍ନ ବ୍ୟବସାୟ କରୁଛି, ତା'ସହିତ ତା'ର ଏକ ଫାଷ୍ଟଫୁଡ୍ ଦୋକାନ ବି ଅଛି। ଚାକିରି ପାଇଁ ମୁଁ ବେଶି ଆଉ ଗାଁକୁ ଯାଇପାରୁନି। ହେଲେ ଯେବେ ବି ଯାଏ, ପ୍ରଣୟର ଫାଷ୍ଟଫୁଡ୍ ଦୋକାନରେ ଆମ ସାଙ୍ଗମାନଙ୍କର ଗୋଟେ ବଡ଼ ଖଟି ହୁଏ। ସେଇଠି ସବୁ ପୁରୁଣା ସ୍ମୃତି ପୁଣି ତାଜା ହୋଇଯାଏ। ସତରେ ପ୍ରଣୟର ସେଦିନର ସେହି ସାହସ ଆଉ ସାହାଯ୍ୟ ପାଇଁ ଯେ ମୁଁ ପୁଣିଥରେ ଏକ ନୂଆ ଜୀବନ ପାଇଛି ତାହାକୁ କେବେ ବି ଅସ୍ୱୀକାର କରିପାରିବି ନାହିଁ।’’

## ବନ୍ଧୁ ହେବ ତ ଏମିତି

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ପଞ୍ଚାୟତ ଅଧୀନ ତ୍ରିଲୋଚନପୁର ଗାଁର ବାସିନ୍ଦା ହେଲେ ଫଣିଭୂଷଣ ଜାନା। ଏକ ବଙ୍ଗୀୟ ପରିବାରରେ ତାଙ୍କ ଜନ୍ମ। ସତୁରି ଦଶକରୁ ଶରଣାର୍ଥୀ ଭାବରେ ବଙ୍ଗ ଭୂଇଁରୁ ସମୁଦ୍ର ପାର ହୋଇ ଫଣି ଓ ତାଙ୍କ ପରିବାର ଲୋକେ ଆସି ଏଠାରେ ରହିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ସେମାନେ ଏଠାକାର ନାଗରିକତ୍ୱ ମଧ୍ୟ ଗ୍ରହଣ କଲେ। ଫଣିଙ୍କର ପାଠପଢା ଏହି ଅଞ୍ଚଳରେ ହିଁ ହେଲା। ଡାଙ୍ଗମାଳ ଅଞ୍ଚଳର ଇଂ. ପ୍ରଭାତ ବେହେରା ହେଲେ ଫଣିଙ୍କର ଜଣେ ଭଲ ସାଙ୍ଗ। ଉଭୟ ଉଭୟଙ୍କୁ ଖୁବ୍ ଭଲ ପାଉଥିଲେ। ଏକାଠି ଗୋଟିଏ ସ୍କୁଲ୍‌ରେ ପାଠ ପଢୁଥିଲେ। ମାଟ୍ରିକ୍ ପାସ୍ କରିବାପରେ ପ୍ରଭାତ ଉଚ୍ଚଶିକ୍ଷା ପାଇଁ ରାଉରକେଲା ଚାଲିଗଲେ, ଏପଟେ ଫଣି ଗାଁରେ ରହି ଅର୍ଗାନିକ୍ ପ୍ରଣାଳୀରେ ବିଭିନ୍ନ ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଣ୍ଟାଇଲେ। ବେଳେବେଳେ ବସ୍ ଯୋଗେ ପ୍ରଭାତଙ୍କ ପାଖକୁ ତଟକା ପରିବା ବି ପଠାଉଥିଲେ। ସେପଟେ ପଢା ସରିବା ପରେ ପ୍ରଭାତ ଇଂଜିନିୟର ଭାବେ ରାଉରକେଲାରେ ଚାକିରି ବି କଲେ। ଚାକିରି ଜୀବନର ବ୍ୟସ୍ତତା ଭିତରେ ମଧ୍ୟ ସାଙ୍ଗ ଫଣିଙ୍କ କଥା ସବୁବେଳେ ମନେ ପକାଉଥିଲେ। ମଝିରେ ମଝିରେ ଫୋନ୍ କରି ସାଙ୍ଗ ସହିତ କଥା ବି ହେଉଥିଲେ। ଯେବେ ବି ଛୁଟିରେ ଗାଁକୁ ଆସୁଥିଲେ ଫଣିଙ୍କୁ ଦେଖା କରିବାକୁ ଭୁଲୁ ନ ଥିଲେ। ସବୁକିଛି ଠିକ୍‌ଠାକ୍ ଥିଲା ; ହେଲେ ହଠାତ୍ ଫଣିଙ୍କର ଖୁବ୍ ଦେହ ଖରାପ ହେଲା। ଡାକ୍ତରୀ ପରୀକ୍ଷାରୁ ଜଣାଗଲା ଯେ, ତାଙ୍କୁ ବୋନ୍ କ୍ୟାନ୍‌ସର୍ ହୋଇଛି ବୋଲି। ଖବର ପାଇ ପ୍ରଭାତ ସଙ୍ଗେସଙ୍ଗେ ଗାଁକୁ ଆସିଥିଲେ। ସାଙ୍ଗକୁ ଭଲ କରିବା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ନେଇଯାଇଥିଲେ, ଯେଉଁଠାରେ ପ୍ରଭାତଙ୍କ ଡାକ୍ତରୀ ପୁଅ(ଯିଏ କି ବାଙ୍ଗାଲୋର୍‌ରେ ରୁହନ୍ତି)ର କିଛି ସାଙ୍ଗ କାମ କରୁଥିଲେ। ସେମାନେ ଫଣିଙ୍କର ଉତ୍ତମରୁ ଉତ୍ତମ ଚିକିତ୍ସା କରିବାକୁ ଚେଷ୍ଟା କଲେ। କିନ୍ତୁ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। କ୍ୟାନ୍‌ସର ଭୂତାଣୁ ଫଣିଙ୍କୁ ପୂରା କାବୁ କରି ନେଇଥିଲା। ଶେଷରେ ନିରାଶ ହୋଇ ସାଙ୍ଗଙ୍କୁ ଧରି ଗାଁକୁ ଫେରିଥିଲେ ପ୍ରଭାତ। କିନ୍ତୁ ତାଙ୍କର ଯତ୍ନ ନେବା ଆଉ ସବୁ ଔଷଧପତ୍ର କଥା ବୁଝୁଥିଲେ ପ୍ରଭାତ। ଅଫିସ୍‌ରେ ବହୁତ ଦିନ ଛୁଟି ହୋଇଯାଇଥିବାରୁ ବାଧ୍ୟ ହୋଇ ରାଉରକେଲାକୁ ଫେରିବାକୁ ପଡିଥିଲା ପ୍ରଭାତଙ୍କୁ। କିନ୍ତୁ ଫୋନ୍‌ରେ ପ୍ରତିଦିନ ସାଙ୍ଗର ଦେହପା' କଥା ବୁଝୁଥିଲେ। ଏପଟେ ଫଣିଙ୍କର ଅବସ୍ଥା ଧୀରେ ଧୀରେ ଗୁରୁତର ହେଉଥିଲା। ଖାଇବା, ପିଇବା ଏପରିକି କଥା କହିବାର ଶକ୍ତି ବି ସେ ହରାଇ ବସିଲେ। ତାଙ୍କର ଲୁହଭରା ଆଖି କେବଳ ଜଣଙ୍କୁ ହିଁ ଖୋଜୁଥିଲା, ସେ ହେଲେ ପ୍ରଭାତ। ଘରଲୋକେ ଏକଥା ବୁଝିପାରି ପ୍ରଭାତଙ୍କୁ ଖବର ଦେବାରୁ ପ୍ରଭାତ ଆସି ପହଞ୍ଚି ଯେତେବେଳେ ଫଣି ବୋଲି ଡାକି ଦେଲେ, କଷ୍ଟେମଷ୍ଟେ ଫଣି ଖଟରୁ ଉଠିପଡି ପ୍ରଭାତଙ୍କ ଆଡ଼କୁ ଆଉଜି ପଡିଲେ ଆଉ ତାଙ୍କରି କୋଳରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କଲେ। ଏହି ଘଟଣାଟା ସେତେବେଳେ ଖୁବ୍ ହୃଦୟ ବିଦାରକ ଥିଲା ସମସ୍ତଙ୍କ ପାଇଁ। ବନ୍ଧୁଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡିଥିବା ପ୍ରଭାତ ଶେଷରେ ନିଜ କାନ୍ଧରେ ବନ୍ଧୁର ଶବକୁ ବୋହି ନେଇ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଏ ନେଇ ପ୍ରଭାତ କୁହନ୍ତି, ‘ଫଣି ପରି ବନ୍ଧୁ ପାଇବା ଖୁବ୍ ବିରଳ। ସେ ଧନରେ ନ ହୋଇପାରେ କିନ୍ତୁ ମନରେ ଥିଲା ଖୁବ୍ ଧନୀ। ମୋତେ ସିଏ ଖୁବ୍ ଭଲ ପାଉଥିଲା। ତାକୁ ହରାଇ ମୁଁ ଏବେ ନିଃସ୍ୱ ପାଲଟି ଯାଇଛି।' ଏପଟେ ଏ ଦୁଇଜଣଙ୍କର ଅନାବିଳ ବନ୍ଧୁତ୍ୱକୁ ଦେଖି ଗାଁ ଲୋକଙ୍କ ମୁହଁରେ କେବଳ ଗୋଟିଏ କଥା ହିଁ ଶୁଣିବାକୁ ମିଳୁଛି, ‘ବନ୍ଧୁ ହେବ ତ ଏମିତି'।

## ସାଙ୍ଗମାନେ ଏବେ ସାହାରା

ପୁରୀ ପଥୁରିଆସାହିର ସନ୍ତୋଷ କୁମାର ସାହୁ। ବୟସ ତାଙ୍କୁ ୫୭ ପାଖାପାଖି





ଉମାକାନ୍ତ ଓ ଦିଲୀପ



ସାଙ୍ଗମାନଙ୍କ ସହ ଗର୍ଦ୍ଦି (ତଳର ମଝି)



ପ୍ରଭାତ



ଫଣିଭୂଷଣ



ସନ୍ତୋଷ



ଦେବବ୍ରତ



ପ୍ରଣୟ



ହେବ। ଦିନେ ସେ ଗୋଟେ ହୋଟେଲର ମ୍ୟାନେଜର୍ ଥିବା ସହ ଗୋଟେ ଇଂଜିନିୟରିଂ କଲେଜର ଆକାଉଣ୍ଟିଂ କାମ ତଦାରଖ କରୁଥିଲେ। ଲେଖାଲେଖିରେ ରୁଚି ରହିଥିବାରୁ 'କାଳୀ ଝିଅ' ଶୀର୍ଷକ କବିତା ପୁସ୍ତକଟିଏ ମଧ୍ୟ ପ୍ରକାଶ କରିଥିଲେ। ଧର୍ମପତ୍ନୀ ସଂଯୁକ୍ତା ଓ ୨ ପୁଅ ସୌମ୍ୟରଞ୍ଜନ ଓ ସୌମ୍ୟଦର୍ଶନଙ୍କୁ ନେଇ ତାଙ୍କର ଥିଲା ହସଖୁସିର ସଂସାର । କିନ୍ତୁ ଦୁର୍ଭାଗ୍ୟକୁ ଗତ ୩/୪ ବର୍ଷ ପୂର୍ବରୁ ହଠାତ୍ ସନ୍ତୋଷଙ୍କର ବ୍ରେନ୍ ଷ୍ଟ୍ରୋକ୍ ହେଲା ଆଉ ତାଙ୍କର ପୂରା ଶରୀର ପାରାଲାଇଜ୍ଡ୍ ହୋଇଗଲା। ଶଯ୍ୟାଶାୟୀ ହୋଇଗଲେ ସନ୍ତୋଷ। ନା କିଛି କହିପାରୁଥିଲେ ନା ଉଠି ପାରୁଥିଲେ। ଅଳ୍ପ କିଛି ଯାହା ସଞ୍ଚୟ ଥିଲା, ସେସବୁ ସନ୍ତୋଷଙ୍କ ଚିକିତ୍ସାରେ ସରିଗଲା। ହେଲେ ସନ୍ତୋଷ ଭଲ ହେଲେନି। ଆଗକୁ ତାଙ୍କର ଚିକିତ୍ସା କିପରି ହେବ, ଘର କେମିତି ଚଳିବ, ପିଲାମାନେ ପାଠ କେମିତି ପଢିବେ, ସେ ନେଇ ସନ୍ତୋଷଙ୍କର ଧର୍ମପତ୍ନୀ ସଂଯୁକ୍ତା ଖୁବ୍ ଚିନ୍ତାରେ ଥାନ୍ତି। ଏହି ସମୟରେ ସନ୍ତୋଷଙ୍କର ସ୍କୁଲ୍ ବେଳର ସାଙ୍ଗ ଡ. ଦିଲୀପ କୁମାର ଖୁଣ୍ଟିଆ କେମିତି କେଜାଣି ଖବର ପାଇ ଆସି ସନ୍ତୋଷଙ୍କ ଘରେ ପହଞ୍ଚିଲେ। ସଂଯୁକ୍ତାଙ୍କଠାରୁ ସବୁ କଥା ଶୁଣି ସେ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସେଠାରୁ ଚାଲିଗଲେ ଆଉ ଅନ୍ୟ ସ୍କୁଲ ସାଙ୍ଗମାନଙ୍କୁ ଏ ସମ୍ପର୍କରେ ଜଣାଇଲେ। ଡ. ଦିଲୀପଙ୍କ ସମେତ କାଳିଆ, ବିନୟ, ରବି, ମନୋରଞ୍ଜନ, ପ୍ରଦୀପ, ଜଗଦୀଶ, ଗୀତା ଏହିପରି ପ୍ରାୟ ୩୦ ଜଣ ସାଙ୍ଗ ଏକାଠି ହୋଇ ସନ୍ତୋଷଙ୍କୁ ନେଇ ଭୁବନେଶ୍ୱରର ଲିଙ୍ଗିପୁରସ୍ଥିତ ଶ୍ରୀ ଶ୍ରୀ ବଡ଼ଦା ହସ୍‌ପିଟାଲ୍‌ରେ ଚିକିତ୍ସା କରାଇଲେ। ସେଠାରେ ସନ୍ତୋଷଙ୍କର ଡାହାଣ ଗୋଡ଼ରେ କିଛି ଅସୁବିଧା ଥିବାରୁ ଅପରେଶନ ମଧ୍ୟ କରାଯାଇଥିଲା ; ଯାହାର ସମ୍ପୂର୍ଣ୍ଣ ଖର୍ଚ୍ଚ ଏହି ସ୍କୁଲ ସାଙ୍ଗମାନେ ହିଁ ବହନ କରିଥିଲେ। ପରବର୍ତ୍ତୀ ସମୟରେ ସନ୍ତୋଷଙ୍କର କେତେଜଣ ସାହିତ୍ୟିକ ସାଙ୍ଗ ବି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। କିନ୍ତୁ ଫଳ କିଛି ବି ହେଲାନି। ସନ୍ତୋଷ ଠିକ୍ ହୋଇ ପାରିଲେ ନାହିଁ। ସେବେଠାରୁ ସିଏ ଶେଯରେ ଶୋଇ ରହିଛନ୍ତି। ନା ଉଠି ପାରୁଛନ୍ତି ନା କଥା କହିପାରୁଛନ୍ତି। ପରିଚିତ ଲୋକ କିମ୍ବା ସାଙ୍ଗସାଥୀଙ୍କୁ ଦେଖି ଖାଲି ଯାହା ଆଖିରୁ ଲୁହ ଗଡ଼ାଉଛନ୍ତି। ତାଙ୍କ ପରିବାର ଚଳିବାକୁ ଏବଂ ତାଙ୍କ ଔଷଧ ଖର୍ଚ୍ଚ ପାଇଁ ସେବେଠାରୁ ଏହି ସାଙ୍ଗମାନେ ମିଶି କିଛି କିଛି ସାହାଯ୍ୟ କରି ଆସୁଛନ୍ତି। ଏନେଇ ସନ୍ତୋଷଙ୍କର ଜଣେ ସାହିତ୍ୟିକା ବାନ୍ଧବୀ ସୁବାସିନୀ ଶତପଥୀ କୁହନ୍ତି, 'ସନ୍ତୋଷ ଭାଇ ଜଣେ ବହୁତ ଭଲ ଲୋକ। ସେ କାହାର ଦୁଃଖ ସହି ପାରନ୍ତିନି। ହେଲେ ଭଗବାନ ତାଙ୍କ ଜୀବନରେ କାହିଁକି ଏତେ ଦୁଃଖକଷ୍ଟ ଭରିଦେଲେ କେଜାଣି! ତଥାପି ଆମେମାନେ କେହି ଆଶା ଛାଡ଼ିନୁ। ଯେତେବେଳେ ଯାହାକୁ ସୁବିଧା ହେଉଛି ଆସି ତାଙ୍କ ଭଲମନ୍ଦ କଥା ବୁଝି ଯାଉଛୁ। ଆଉ ତାଙ୍କର ଯାହା ଚିକିତ୍ସା ଦରକାର ହେଉଛି ତାକୁ କରୁଛୁ। ଏବେ ତାଙ୍କ ବଡ଼ ପୁଅ ଯୁକ୍ତ ତିନି ପଢିବା ସହିତ ପାର୍ଟଟାଇମ୍‌ରେ ଏମ୍. ବଜାରରେ କାମ କରି ଦୁଇପଇସା ରୋଜଗାର କଲାଣି। ସାନପୁଅ ଆଇଟିଆଇ ପଢୁଛି। ଆଶା ରଖିଛୁ ପୁଣିଥରେ କେମିତି ସନ୍ତୋଷ ଭାଇଙ୍କ ପରିବାରରେ ସବୁ କିଛି ଠିକ୍‌ଠାକ୍ ହୋଇଯାଉ ଆଉ ପୂର୍ବ ଖୁସି ଫେରିଆସୁ।' ସତରେ ସନ୍ତୋଷଙ୍କର ଏହି ସାଙ୍ଗମାନଙ୍କ ବଦାନ୍ୟତା ଖୁବ୍ ପ୍ରଶଂସନୀୟ।

## ସାଙ୍ଗମାନଙ୍କ ପାଖରେ ଋଣୀ

ଭୁବନେଶ୍ୱର ଆଇଆର୍‌ସି ଭିଲେଜର ବାସିନ୍ଦା ହେଲେ ଉମାକାନ୍ତ ମହାପାତ୍ର। ରେଲ୍‌ୱେ ଡିପାର୍ଟମେଣ୍ଟରେ ସିନିୟର୍ ଟେକ୍‌ନିସିଆନ୍ ଭାବେ ସିଏ କାମ କରନ୍ତି। ଘରେ ୪/୫ଟି ଗାଈ ରଖି ସେମାନଙ୍କର ଦେଖାଚାହାଁ ବି କରନ୍ତି। ୨୦୧୫ରେ ବାପା, ସାନଭାଇ ଏବଂ ୨୦୧୭ରେ ମା'ଙ୍କର ମୃତ୍ୟୁ ହେବା ପରେ ସେ ସମ୍ପୂର୍ଣ୍ଣ ଏକା ହୋଇଯାଇଥିଲେ। ଆଉ ଯେଉଁ ସମ୍ପର୍କୀୟମାନେ ଥିଲେ ସେମାନଙ୍କ ସହିତ ଉମାକାନ୍ତଙ୍କର ସେତେ ଭଲ ପଡୁ ନ ଥିଲା। ଧର୍ମପତ୍ନୀ ଓ ୨ ଝିଅକୁ ନେଇ ଦୁଃଖେସୁଖେ ସିଏ ତାଙ୍କର କଥା ବୁଝୁଥିଲେ। ଯେତେବେଳେ ବି ଛୋଟମୋଟ କିଛି ଅସୁବିଧା ହେଉଥିଲା ଉମାକାନ୍ତଙ୍କ ସାହାରା ସାଜୁଥିଲେ ତାଙ୍କର ସ୍କୁଲ୍ ଓ କଲେଜ ସାଙ୍ଗମାନେ। ୨୦୧୯ ଜାନୁୟାରୀ ୧୯ ତାରିଖରେ ଉମାକାନ୍ତଙ୍କ ସହ ଏମିତି ଏକ ଦୁଃଖଦ ଘଟଣା ଘଟିଥିଲା, ଯେଉଁଥିରୁ ତାଙ୍କୁ ତାଙ୍କ ସାଙ୍ଗମାନେ ଉଦ୍ଧାର କରିଥିଲେ ବୋଲି କୁହନ୍ତି ଉମାକାନ୍ତ। ଘଟଣାଟି ଥିଲା ଏମିତି: ସେଦିନ ଅଫିସ୍‌ରୁ ଫେରି ସନ୍ଧ୍ୟାବେଳେ ଗାଈଙ୍କ କଥା ବୁଝିବା ସମୟରେ ହଠାତ୍ ଉମାକାନ୍ତଙ୍କୁ ଶ୍ୱାସକ୍ରିୟାରେ କଷ୍ଟ ହେଲା। ପତ୍ନୀ ତାଙ୍କୁ ଆଉଁଶାଆଉଁଶି କରୁଥିବାବେଳେ ଉମାକାନ୍ତ ତାଙ୍କର ସାଙ୍ଗ ଦିଲୀପ ବିଶ୍ୱାଳ, ବାବି ସେନାପତି ଓ ବିଶାଖାପାଟଣାରେ ଥିବା ତାଙ୍କର ଡାକ୍ତର ବନ୍ଧୁ ସୁଜିତ୍ ଦାସଙ୍କୁ ଫୋନ୍ କରି ସବୁକଥା ଜଣାଇଲେ। ସେମାନେ ତାଙ୍କୁ ସଙ୍ଗେସଙ୍ଗେ ହସ୍ପିଟାଲ୍ ଯିବାକୁ ପରାମର୍ଶ ଦେବାରୁ ପତ୍ନୀଙ୍କୁ ଧରି ଉମାକାନ୍ତ ଏକ ଘରୋଇ ହସ୍ପିଟାଲ୍‌କୁ ଗଲେ। ସେଠାରେ ଡାକ୍ତରୀ ପରୀକ୍ଷାରୁ ଜଣାଗଲା ଉମାକାନ୍ତଙ୍କୁ ହାର୍ଟଆଟାକ୍ ହୋଇଛି ବୋଲି। ତୁରନ୍ତ ଆନ୍‌ଜିଓପ୍ଲାଷ୍ଟି କରିବାକୁ ପଡିବ। ଉମାକାନ୍ତଙ୍କ ପାଖରେ ସେତେ ବେଶି ଟଙ୍କା ବି ନ ଥାଏ। ଏହି ସମୟରେ ଦିଲୀପ ଆସି ହସ୍ପିଟାଲ୍‌ରେ ପହଞ୍ଚିଗଲେ। ସେ ସାହସ ଦେଲେ ଉମାକାନ୍ତ ଓ ତାଙ୍କ ପତ୍ନୀଙ୍କୁ। ଆଉ କହିଲେ, 'ଆମେ ସବୁ ସାଙ୍ଗ ଥାଉ ଥାଉ ତୁ କାହିଁକି ଏତେ ବ୍ୟସ୍ତ ହେଉଛୁ, ତୋର କିଛି ହେବନି।' ତା'ପରେ ଦିଲୀପ ଅନ୍ୟ ସାଙ୍ଗମାନଙ୍କୁ ଫୋନ୍ କରି ସବୁକଥା ଜଣାଇଦେଲେ। ଏପଟେ ଡାକ୍ତରଙ୍କ ସହ କଥା ହୋଇ ଉମାକାନ୍ତଙ୍କୁ ଓଟିକୁ ନେଇ ଷ୍ଟେନ୍ ଲଗାଇବା ପାଇଁ କହିଦେଇଥିଲେ ଦିଲୀପ। ଓଟିରୁ ବାହାରିଲାବେଳକୁ କେବଳ ଦିଲୀପଙ୍କୁ ନୁହେଁ, ସେଠାରେ ଉପସ୍ଥିତ ଥିବା ଅନ୍ୟ ୧୫/୨୦ ଜଣ ସାଙ୍ଗଙ୍କୁ ଦେଖି ଉମାକାନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଆଉ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଉମାକାନ୍ତଙ୍କୁ ପ୍ରାୟ ୪/୫ ଦିନ ହସ୍ପିଟାଲ୍‌ରେ ରହିବାକୁ ପଡ଼ିଲା। ଘରେ ଯେହେତୁ ୨ ଝିଅ ଥିଲେ ତେଣୁ ତାଙ୍କ ପତ୍ନୀଙ୍କୁ ଘରକୁ ଯିବାକୁ ପଡ଼ିଲା। ହେଲେ ତାଙ୍କର ସବୁ ସାଙ୍ଗମାନେ ସେହି ୪/୫ ଦିନ ଯାକ ପାଳି କରି ଉମାକାନ୍ତଙ୍କ ପାଖରେ ରହୁଥିଲେ ଆଉ ତାଙ୍କର ଦେଖାଚାହାଁ କରୁଥିଲେ। କେବଳ ସେତିକି ନୁହେଁ ଉମାକାନ୍ତ ପୂରା ଭଲ ହେବା ପର୍ଯ୍ୟନ୍ତ ତାଙ୍କ ଘରକୁ ଯାଇ ଏହି ସାଙ୍ଗମାନେ ଭଲମନ୍ଦ କଥା ବୁଝି ଆସୁଥିଲେ। ସାଙ୍ଗମାନଙ୍କର ଏହି ସାହାଯ୍ୟକୁ ନେଇ ଉମାକାନ୍ତ କୁହନ୍ତି, 'ସତରେ ଭାଗ୍ୟବାନ ଲୋକଙ୍କୁ ଏଭଳି ସାଙ୍ଗମାନେ ମିଳନ୍ତି। ଯେଉଁ ଅବସ୍ଥାରେ ମୋ ପାଖରେ କେହି ନିଜ ଲୋକ ଠିଆ ହୋଇ ନ ଥିଲେ ସେଠି ଏହି ସାଙ୍ଗମାନେ ମୋ ପାଇଁ ସାହାରା ହେଲେ ଆଉ ମୋତେ ନୂଆ ଜୀବନ ଦେଲେ। ଖାଲି ଏ କ୍ଷେତ୍ରରେ ନୁହେଁ, ଯେତେବେଳେ ଅଫିସ୍ କାମରେ ମୁଁ କିଛିଦିନ ପାଇଁ ବାହାରକୁ ଚାଲିଯାଏ, ସେତେବେଳେ ଏହି ସାଙ୍ଗମାନଙ୍କ ଭିତରୁ କେହି ନା କେହି ଆସି ଘରର ସଉଦାପତ୍ର ହେଉ ଅବା ପିଲାମାନଙ୍କର କ'ଣ ଦରକାର ତାହା ବୁଝି ଦେଇଯାନ୍ତି। ସେଥିପାଇଁ ମୁଁ ମୋ ସାଙ୍ଗମାନଙ୍କ ପାଖରେ ଚିର ଋଣୀ।'

## ସାଙ୍ଗଙ୍କ ଖୁସି ପାଇଁ ଲଣ୍ଡା ହୋଇଗଲେ ସାଙ୍ଗ

ସାଉଥ୍ ଆଫ୍ରିକାର ଗର୍ଦ୍ଦି ମାକ୍‌କେନ୍ନା। ୨୦୧୪ରେ ସ୍ତନକର୍କଟ ରୋଗରେ ଆକ୍ରାନ୍ତ ହେଲେ। ଚିକିତ୍ସା ପାଇଁ ତାଙ୍କର କେମୋଥେରାପି ଟ୍ରିଟ୍‌ମେଣ୍ଟ କରାଯିବାରୁ ତାଙ୍କର କେଶ ସବୁ ଝଡ଼ିଗଲା। ନିଜର ଏଭଳି ରୂପକୁ ଦେଖି ତାଙ୍କୁ ଦୁଃଖ ଲାଗୁଥିଲେ ହେଁ ସେ ଏହାର ପ୍ରଭାବ ତାଙ୍କର ପରିବାର ଲୋକ ଓ ସାଙ୍ଗମାନଙ୍କ ଉପରେ ପକାଇବାକୁ ଚାହୁଁ ନ ଥିଲେ। ସେଥିପାଇଁ ମନ ଭିତରର ଦୁଃଖକୁ ଚାପି ଉପରେ ହସିବାକୁ ଚେଷ୍ଟା କରୁଥିଲେ। କିନ୍ତୁ କୁହାଯାଏ, ଯେଉଁଠି ମନ କଥା କେହି ବୁଝି ପାରନ୍ତିନି ସେଠି ପ୍ରକୃତ ବନ୍ଧୁଟିଏ ହୃଦୟରେ ଥିବା ସବୁ ଦରଦକୁ ବୁଝି ନିଏ। ଗର୍ଦ୍ଦିଙ୍କ କ୍ଷେତ୍ରରେ ବି ସେୟା ହେଲା। ଗର୍ଦ୍ଦିଙ୍କର ୧୧ ଜଣ ଖୁବ୍ ଭଲ ସାଙ୍ଗଥିଲେ। ସେମାନେ ଗର୍ଦ୍ଦିଙ୍କର ଦୁଃଖକୁ ଅନୁଭବ କରି ହଠାତ୍ ଦିନେ କୁହାକୁହି ହୋଇ ସମସ୍ତେ ଏକସାଙ୍ଗରେ ଲଣ୍ଡା ହୋଇଗଲେ। ଆଉ ଗର୍ଦ୍ଦିଙ୍କୁ ସର୍‌ପ୍ରାଇଜ୍ ଦେବା ପାଇଁ ଏକ ଫଟୋଶୁଟ୍‌ର ମଧ୍ୟ ଆୟୋଜନ କଲେ। ଗର୍ଦ୍ଦି ଯେବେ ଆସି ଏମିତି ଘଟଣା ଦେଖିଲେ ସେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲେ କିନ୍ତୁ ଏହା ପଛରେ ଥିବା ସାଙ୍ଗମାନଙ୍କର ଭଲ ପାଇବାକୁ ବୁଝି ଦୁଃଖରେ କାନ୍ଦି ପକାଇଥିଲେ। ସତରେ ବନ୍ଧୁତାରେ କିଛି ବି କଥା ସମ୍ଭବ ହୋଇପାରେ ବୋଲି ଗର୍ଦ୍ଦି ଓ ତାଙ୍କ ବନ୍ଧୁମାନଙ୍କର ଏହି ଫଟୋକୁ ଦେଖିଲେ ହିଁ ଜଣାଯାଏ।

ତେଣୁ ଯେଉଁ ସମ୍ପର୍କରେ ସ୍ୱାର୍ଥ ଆଉ ସର୍ତ୍ତ ନ ଥାଏ, ତାହା ହିଁ ହେଉଛି ପ୍ରକୃତ ବନ୍ଧୁତା ; ଯାହାକୁ ପ୍ରମାଣ କରି ଦେଖାଇ ଦେଇଛନ୍ତି ଏହି ବ୍ୟକ୍ତିମାନେ।

**–ଅନ୍ୱିତା ମିଶ୍ର**

*ତଥ୍ୟ ସହାୟତା: ଭାସ୍କର ରାଉତରାୟ*






# ବନ୍ଧୁ ପାଇଁ ଦିନଟିଏ

**ସବୁ ସମ୍ପର୍କଠୁ ନିଆରା ବନ୍ଧୁତାର ସମ୍ପର୍କ। ସେଇଥିପାଇଁ ତ ଏହି ସମ୍ପର୍କକୁ ସମ୍ମାନ ଜଣାଇ ସାରା ପୃଥିବୀରେ ପାଳନ କରାଯାଏ ବନ୍ଧୁତା ଦିବସ। ତା'ରି ସମ୍ପର୍କରେ କିଛି...**

**ବନ୍ଧୁତା ଦିବସ କେବେଠୁ:** ବନ୍ଧୁତାର ମହତ୍ୱ ସବୁବେଳେ, ସବୁଠି ସ୍ୱତନ୍ତ୍ର। ତେଣୁ ଏହାକୁ ନେଇ ସ୍ୱତନ୍ତ୍ର ଦିବସ ବି ପାଳନ କରାଯାଏ। ପ୍ରଥମ କରି ୩୦ ଜୁଲାଇ ୧୯୫୮ରେ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳିବାର ପ୍ରସ୍ତାବ ପାରାଗୁଏରେ ଆଗତ ହୋଇଥିଲା। ତେବେ ୨୦୧୧ରେ ସଂଯୁକ୍ତ ରାଷ୍ଟ୍ର ୩୦ ଜୁଲାଇକୁ ବନ୍ଧୁତା ଦିବସ ପାଳିବାକୁ ଘୋଷଣା କଲେ। ହେଲେ ଆମେରିକା, ଭାରତ, ମାଲେସିଆ, ବାଂଲାଦେଶ ପରି ଅନେକ ଦେଶ ବନ୍ଧୁତା ଦିବସକୁ ଅଗଷ୍ଟ ମାସର ପ୍ରଥମ ରବିବାର ପାଳନ କରନ୍ତି। କୁହାଯାଏ ପୃଥିବୀର ବିଭିନ୍ନ ଦେଶରେ ବନ୍ଧୁତା ମାଧ୍ୟମରେ ଖୁସି ଓ ଏକତାର ସନ୍ଦେଶକୁ ବ୍ୟାପ୍ତ କରିବାର ଉଦ୍ଦେଶ୍ୟ ନେଇ ଏହି ଦିବସର ପରିକଳ୍ପନା ହୋଇଥିଲା।

**ଦିବସ ପଛର କାହାଣୀ:** ବନ୍ଧୁତା ଦିବସ ପାଳନକୁ ନେଇ ଅନେକ ରୋଚକ କାହାଣୀ ରହିଛି। କୁହାଯାଏ ୧୯୩୫ ଅଗଷ୍ଟ ମାସ ପ୍ରଥମ ରବିବାର ଦିନ ଆମେରିକାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ଖବର ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ବନ୍ଧୁଙ୍କୁ ଶକ୍ତ ଧକ୍କା ଦେଇଥିଲା ଓ ସେ ଆତ୍ମହତ୍ୟା କରିଥିଲେ। ବନ୍ଧୁତାର ଏଭଳି ନିଦର୍ଶନ ସମସ୍ତଙ୍କ ସାମ୍ନାକୁ ଆସିବା ପରେ ଜୀବନରେ ବନ୍ଧୁତାର ମହତ୍ତ୍ୱ କେତେ ତାକୁ ବୁଝାଇବା ଉଦ୍ଦେଶ୍ୟରେ ଅଗଷ୍ଟ ମାସ ପ୍ରଥମ ରବିବାରକୁ ବନ୍ଧୁତା ଦିବସଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ଏହାବାଦ୍ ବି କୁହାଯାଏ ଯେ, ବନ୍ଧୁତା ଦିବସ ପାଳନ କରିବାର ବିଚାର ପ୍ରଥମେ ୧୯୫୮ରେ ଡ. ରାମୋନ୍ ଆର୍ଟେମିଓ ବ୍ରାଚୋଙ୍କ ମନକୁ ଆସିଥିଲା। ଆଉ ଏହାକୁ ସେ ନିଜ ସାଙ୍ଗମାନଙ୍କୁ ଜଣାଇଥିଲେ। ସେମାନେ 'ୱାର୍ଲ୍ଡ ଫ୍ରେଣ୍ଡଶିପ୍ କ୍ରୁଶେଡ' ନାମରେ ଏହାକୁ ପାଳନ କରିବା ଆରମ୍ଭ କରିଥିଲେ। ପରେ ୧୯୫୮ରେ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳନ କରିବାର ପ୍ରସ୍ତାବ ଆସିଥିଲା।

**ଫ୍ରେଣ୍ଡଶିପ୍ ବ୍ୟାଣ୍ଡ:** ବୁଣା ନ ଯାଇ ଗଣ୍ଠି ମାଧ୍ୟମରେ ତିଆରି ଏକ ସରୁ ଫିତା ହେଉଛି ଫ୍ରେଣ୍ଡଶିପ୍ ବ୍ୟାଣ୍ଡ। ଆଉ ଏହି ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବିନା ଫ୍ରେଣ୍ଡଶିପ୍ ଡେ' ସେଲିବ୍ରେଶନ୍ ଅଧୁରା। ତେବେ ଜାଣନ୍ତି କି ଏହି ଧାରା କେବେଠୁ ଆରମ୍ଭ ହୋଇଛି ? କୁହାଯାଏ ତ୍ରୟୋଦଶ ଶତାବ୍ଦୀରେ ଆରବରେ ଏଭଳି ବ୍ୟାଣ୍ଡ ତିଆରି ଆରମ୍ଭ ହୋଇଥିଲା। ଆଉ କିଛି ତଥ୍ୟ କହେ ଏହି ବ୍ୟାଣ୍ଡ ବା ବ୍ରେସଲେଟ୍ ନାଟିଭ ଆମେରିକାନ ସୋସାଇଟିରୁ ଆସିଛି, ଯେଉଁଠି ଏହାକୁ ଦୁଇଜଣଙ୍କ ଭିତରର ଭଲ ପାଇବାର ପ୍ରତୀକଭାବେ ଗ୍ରହଣ କରାଯାଏ। ଆଉ ଏହାକୁ ପିନ୍ଧୁଥିବା ବ୍ୟକ୍ତି ଏହାକୁ ତିଆରି କରି ପିନ୍ଧାଇଥିବା ବ୍ୟକ୍ତିର ସମ୍ମାନକୁ ନଜରରେ ରଖି ହାତରୁ କାଢ଼ି ନ ଥାନ୍ତି। ତା'ସହ ବିଶ୍ୱାସ କରାଯାଏ ଯେ, ଏହାକୁ ଯାହା ହାତରେ ପିନ୍ଧାଯାଏ ସେ ସବୁଦିନ ପାଇଁ ବନ୍ଧୁ ହୋଇ ରହିଯାଆନ୍ତି। ଏହାବାଦ୍ ବିଶ୍ୱାସ ରହିଛି ଯେ, ଏହି ବ୍ୟାଣ୍ଡକୁ ବ୍ୟକ୍ତି ନିଜ ବନ୍ଧୁଙ୍କୁ ନଜରରେ ରଖି ତିଆରି କରିଥାନ୍ତି। ଏହାକୁ ପିନ୍ଧାଇବାବେଳେ ପିନ୍ଧୁଥିବା ବ୍ୟକ୍ତି ଯଦି ଏକ ୱିଶ୍ ମାଗନ୍ତି ଓ ବ୍ୟାଣ୍ଡକୁ ପିନ୍ଧିଥିବା ବନ୍ଧୁ ନିଜେ ଏହାକୁ ନ କାଢ଼ନ୍ତି ଏବଂ ତାହା ଆପେ ଛିଣ୍ଡେ ତେବେ ସେହି ୱିଶ୍‌ଟି ପୂରଣ ହୁଏ।

ଆଜିକାଲି ବିଭିନ୍ନ ପ୍ରକାରର ଫ୍ରେଣ୍ଡଶିପ୍ ବ୍ୟାଣ୍ଡ ବଜାରରେ ଉପଲବ୍ଧ ହେଉଛି। ଯାହାକୁ କିଣି ଯୁବପିଢି ଏହି ଦିନଟିକୁ ସେଲିବ୍ରେଟ୍ କରିଥାନ୍ତି।

**ବ୍ୟାଣ୍ଡର ରଙ୍ଗ କ'ଣ କହେ:** ବନ୍ଧୁଙ୍କୁ ଫ୍ରେଣ୍ଡଶିପ୍ ବ୍ୟାଣ୍ଡ୍ ତାଙ୍କ ବ୍ୟକ୍ତିତ୍ୱକୁ ନଜରରେ ରଖି ତାଙ୍କୁ ସୁଟ୍ କଲାଭଳି ରଙ୍ଗର ଦେବା ଜରୁରୀ। କାରଣ ଭିନ୍ନ ଭିନ୍ନ ରଙ୍ଗର ବ୍ୟାଣ୍ଡ୍ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱକୁ ଦର୍ଶାଏ। ଯେମିତିକି– ରେଡ୍ ଓ ପିଙ୍କ୍ କଲର୍ ବ୍ୟାଣ୍ଡ ପ୍ୟାଶନ, ଦୟାଳୁଭାବ ଓ ସଚୋଟପଣକୁ ଦର୍ଶାଉଥିବାବେଳେ କମଳା ଓ ହଳଦିଆ ରଙ୍ଗ ଏନର୍ଜେଟିକ୍ ଓ ଚିୟରଫୁଲନେସ୍‌କୁ ଦର୍ଶାଏ। ସବୁଜ ଓ ନୀଳ ରଙ୍ଗ ବ୍ୟାଣ୍ଡ ୟୁଥ୍‌ଫୁଲ୍‌ନେସ୍, ଦାୟିତ୍ୱବାନ, ସଚୋଟପଣକୁ ଦର୍ଶାଏ।











# ପିଲାଙ୍କ ଭିତରେ ଈଶ୍ୱରଙ୍କୁ ଦେଖେ






ପେସା ତାଙ୍କର ଶିକ୍ଷକତା, ମାତ୍ର ନିଶା ସାହିତ୍ୟ ଓ ସମାଜସେବା। ପ୍ରାୟ ୪ଦଶନ୍ଧି ଧରି ଜାରି ରହିଛି ତାଙ୍କର ଏହି ସାଧନା। ଶିଶୁଙ୍କ ପାଇଁ ଲେଖିବା ସହ ଗୀତିକବିତା ଲେଖିଥିବା **ଡ. ଚପଳା ପଣ୍ଡା** ଜଣେ ଆଦର୍ଶ ଶିକ୍ଷୟିତ୍ରୀ ମଧ୍ୟ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ସେ ରାଜ୍ୟପାଳ ପୁରସ୍କାର ସହିତ ରାଷ୍ଟ୍ରପତିଙ୍କଠାରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ନୟାଗଡ଼ ଜିଲା ଶରଣକୁଳ ଗ୍ରାମର ଏକ ଉଚ୍ଚ ଶିକ୍ଷିତ ପରିବାରରେ ଜନ୍ମ ହୋଇଥିବା ଚପଳାଙ୍କର ପିତା ପ୍ରଫେସର ଡ. ଅରକ୍ଷିତ ପ୍ରହରାଜ ଓ ମା' ଆଶାଲତା ପ୍ରହରାଜ। ବାପାମା'ଙ୍କର ୩ ସନ୍ତାନଙ୍କ ମଧ୍ୟରେ ସେ ଏକ ମାତ୍ର ଝିଅ। ଚପଳା କୁହନ୍ତି, 'ଆମର ଏକ ଯୌଥ ପରିବାର। ଘରେ ଜେଜେବାପା, ଜେଜେମା, ଖୁଡ଼ୀ, କକେଇଙ୍କ ସହ ମୋର ପିଲାଦିନ କଟିଥିଲା। ଗାଁର ନୀଳକଣ୍ଠ ଉ.ପ୍ରା. ବିଦ୍ୟାଳୟ ଓ ଶରଣକୁଳ ବାଳିକା ଉଚ୍ଚବିଦ୍ୟାଳୟରେ ପାଠ ପଢ଼ିଥିଲି। ୧୦ମ ଶ୍ରେଣୀ ପାସ୍ ବେଳକୁ ମୋର ବିବାହ ହେଲା ଗଣିଆ ପତଣ୍ଡା ଗାଁର ବୃନ୍ଦାବନ ପଣ୍ଡାଙ୍କ ସହ। ବିବାହ ବେଳେ ସ୍ୱାମୀ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲେ କିନ୍ତୁ ସେ ଚାକିରି ଛାଡ଼ି ଲ' ପଢିଲେ ଓ ପିଏଚ୍‌ଡି କଲେ। ପରେ କ୍ୟାପିଟାଲ କଲେଜର ଅଧକ୍ଷ ଭାବେ କାର୍ଯ୍ୟକରି ସେ ୟା' ଭିତରେ ଅବସର ନେଇସାରିଲେଣି। ଏବେ ସେ ଜଣେ ବିଶିଷ୍ଟ କବି ଭାବେ ପରିଚିତ। ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ଯୋଗ ଦେବାକୁ ସେ ମୋତେ ଉତ୍ସାହିତ କରିଥାନ୍ତି। ପ୍ରଥମରୁ ମୋ ପାଇଁ ସ୍ୱାମୀ ଓ ଶାଶୁଘର ଲୋକଙ୍କର ଯଥେଷ୍ଟ ସହଯୋଗ ରହିଛି; ଯେଉଁଥିପାଇଁ ବାହାଘର ପରେ ମୁଁ ଶାଶୁଘରେ ରହି ଘରୋଇ ଭାବେ ଆଇ.ଏ. ପାସ୍ କଲି। ପରେ ପରେ ବି.ଏ, ବି.ଏଡ୍, ଏମ୍.ଏ (ଓଡ଼ିଆ) ସାରିଲି ନୟାଗଡ଼ ଓ ପ୍ରାଣନାଥ କଲେଜରୁ। ତା'ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି କଲି। ପରେ ୧୯୮୬ ମସିହାରେ ଖୋର୍ଦ୍ଧାର ଭାଲିଆବାଡ଼ି ବାଉରିସାହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଚାକିରି ପାଇଲି। ଏହାପରେ ଫରେଷ୍ଟ କଲୋନି ଓ ବିଦ୍ୟୁତ୍ ନଗରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରିଥିଲି। ସମୟକ୍ରମେ ସାରଳା ମହାଭାରତରେ ବିଚାର ପଦ୍ଧତି ବିଷୟବସ୍ତୁରେ ପିଏଚ୍.ଡି. ହାସଲ କରିଲି। ୨୦୧୯ରୁ ଅବସର ନେଇସାରିଲାଣି। ସାହିତ୍ୟ ପ୍ରତି ରୁଚିଥିବାରୁ ୧୯୭୬ ମସିହାରୁ ଶିଶୁ ମାନସିକତାକୁ ନେଇ ବିଭିନ୍ନ ଗୀତିକବିତା ଏବଂ ଶିଶୁକବିତା ଲେଖାଲେଖି କରୁଛି। ମୋର



ଲେଖାସବୁ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି। ଅନୁଚିନ୍ତା ଏବଂ 'ହୃଦୟର କଥା କବିତା କହେ' ଦୁଇଟି ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହ ପରିବେଶ ପାଇଁ ବିଭିନ୍ନ ଫୁଲ ଓ ଫଳ ଗଛର ଚାରାରୋପଣ କରିବାରେ ମୁଁ ଗୁରୁତ୍ୱ ଦିଏ। ଜଣେ ଶିକ୍ଷୟିତ୍ରୀଭାବେ ଶିକ୍ଷାଦାନବେଳେ ପିଲାମାନଙ୍କ ମଧ୍ୟରେ ନିଜକୁ ଜଣେ ସାଧାରଣ ଛାତ୍ରୀ ମନେକରି ଛାତ୍ରୀଛାତ୍ରଙ୍କ ମନର ଭାବନାକୁ ଜାଣିବାକୁ ଚେଷ୍ଟା କରିବାରେ ମତେ ଈଶ୍ୱରୀୟ ଆନନ୍ଦ ମିଳିଥାଏ। ସେମାନଙ୍କ ଭିତରେ ମୁଁ ଈଶ୍ୱରଙ୍କ ରୂପ ଦେଖେ। ମୁଁ ସବୁବେଳେ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥାଏ। ଏହାଛଡ଼ା ଶିକ୍ଷାକୁ ବୋଝ ନ ଭାବି କେମିତି ଶିକ୍ଷା ପ୍ରତି ପିଲାଙ୍କର ଆଗ୍ରହ ଆସିବ, ସେ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଯେଉଁଥିପାଇଁ ମୁଁ ୨୦୦୬ରେ ରାଜ୍ୟ ପୁରସ୍କାର ସହ ୨୦୦୯ରେ ପୂର୍ବତନ ରାଷ୍ଟ୍ରପତି ଡ. ପ୍ରତିଭା ସିଂ ପାଟିଲଙ୍କଠାରୁ ପୁରସ୍କୃତ ହୋଇଛି। ଶୂନ୍ୟତାରୁ ପୂର୍ଣ୍ଣତା ପାଇବା ପଛରେ ମୋର ଅଧ୍ୟବସାୟ ଆଜି ମୋତେ ଜଣେ କୃତୀ ଶିକ୍ଷୟିତ୍ରୀର ପରିଚୟ ଦେଇଛି। ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ବେଳର ଅନୁଭୂତି ଥିଲା ମୋ ପାଇଁ ସବୁଠାରୁ ଆନନ୍ଦର ବେଳା। ରାଷ୍ଟ୍ରପତି ଭବନ ବୁଲିବା ସହ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଦ୍ୱାରା ସେଦିନ ଅନ୍ୟ ଅତିଥିଙ୍କ ସହିତ ନୈଶଭୋଜିରେ ଆପ୍ୟାୟିତ ହେବାର ସ୍ମୃତି ସବୁଦିନ ମନେ ରହିବ। ଏହି ସମ୍ମାନ ଛଡ଼ା ମୋତେ ଖୋର୍ଦ୍ଧା ଗୌରବ ସମ୍ମାନ, କବିୟିତ୍ରୀ ସମ୍ମାନ, କୃତୀ ଶିକ୍ଷୟିତ୍ରୀ ସମ୍ମାନ ଆଦି ଅନେକ ପୁରସ୍କାର ମିଳିଛି। ମୋର ଏକମାତ୍ର ପୁଅ ପ୍ରଫେସର ଡ. ଶୁଭ୍ରାଂଶୁ ପଣ୍ଡା ଏବଂ ବୋହୂକୁ ନେଇ ଆମର ସଂସାର। **–ବନବିହାରୀ ବେହେରା**







# ଠିକଣା

-ପଦ୍ମଜା ଶରଣ

ଏତେ କୋଳାହଳ ଭେଦି
ମତେ ଯେଉଁ ବଂଶୀସ୍ୱର
ବିଲମ୍ବିତ ଲୟରେ ଶୁଭୁଛି
ମୁଁ ତା'ର ଠିକଣା ଜାଣିଛି

ଏତେ ଅମା ଅନ୍ଧକାର
ନିବିଡ ତମସା ଭେଦି
ଝଟ ଝଟ ମୟୂର ଚନ୍ଦ୍ରିକାଟିଏ
ମତେ ତା'ର ଠିକଣା ଦେଇଛି

ମୋ ଭିତର ଗହନ ମୌନତା ଏବଂ
ଆଉ ଯେତେ ଆଲୋକିତ
ଅନ୍ତରାଳ
ସେଇଠି ସେ ଦୋଳିରେ ଝୁଲୁଛି

କେହି କାଳେ ନେଇଯିବ
ବୋଲି
ଠିକଣା ମୁଁ ଗୋପନ ରଖିଛି।

*-ନୀଳକଣ୍ଠପୁର, ଯାଜପୁର*
*ମୋ: ୭୯୭୮୯ ୬୩୬୬୪*



# କଲିଂବେଲ୍

-ସତ୍ୟନାରାୟଣ ଗନ୍ତାୟତ

ଡିଂଡଂ
ଦୁଧ ପ୍ୟାକେଟ !

ଡିଂ ଡଂ
ଖବର କାଗଜ !

ଡିଂ ଡଂ
ପରିବା !

କେହି ଆସୁ ନଥିବା ବେଳେ
ଆସୁଥିଲେ ଅନ୍ତତଃ
କେହି କେହି
ଏସବୁକୁ ନେଇ !!

ଏବେ
ଡିଂଡଂ
କେବଳ ଥରୁଟେ ଇ !

ଏକୁଟିଆ ପଡିରହିଥିବା
ଘର ମାଲିକଙ୍କ ପାଇଁ
ମନ୍ଦିର ପୂଜାରୀ
ଆସେ ଯେବେ
ଅନ୍ନ ପ୍ରସାଦ ନେଇ !!

*-ସୁହାସିତମ୍, କସ୍ତୁରୀ ନଗର, ରାୟଗଡା*
*ମୋ:୯୪୩୭୯୦୯୬୭୫*



# ଅବିନଶ୍ୱର

-ଲକ୍ଷ୍ମଣ କୁମାର

ନଶ୍ୱର ଜଗତରେ ଏ ଦେହଟି ଦିନେ ଜୁଇର ନିଆଁରେ ପୋଡ଼ି ପାଉଁଶ ହେଇଯିବ । ପାଉଁଶ ମିଶିଯିବ ମାଟିରେ, ଧୋଇଯିବ ବର୍ଷାପାଣିରେ । ବିଲୀନ ହେଇଯିବ ପାଉଁଶର ପରମାଣୁ କେଉଁ ଦୂର ସମୁଦ୍ରରେ ।

ଏଇ ସଞ୍ଜରେ ଦକ୍ଷିଣ ଦିଗରୁ ବହିଆସୁଚି ମଧୁର ପବନର ହିଲ୍ଲୋଳ । ସେ ପବନରେ ଭାସିଆସୁଚି ରଜନୀଗନ୍ଧାର ବାସ୍ନା । ଦୂରରେ କେଉଁଠି ଫୁଟିଛି ରଜନୀଗନ୍ଧା । ଆଜି ସାରାରାତି ମହକିଯିବ । ଏମିତି ପବନରେ କୌଣସି ଫୁଲର ସୁଗନ୍ଧ ଭାସିଆସିଲେ ମନେପଡ଼େ ସୁଗନ୍ଧିତା । ମୁଁ ଅନେକ ସମୟରେ ସୁଗନ୍ଧିତା ନ ଡାକି କହେ ରଜନୀଗନ୍ଧା ତ ସେ ଉଚ୍ଛୁଳିଉଠେ ଖୁସିରେ ।

: ଏଇ, ମୁଁ ତ ସୁଗନ୍ଧିତା । ମୋତେ ରଜନୀଗନ୍ଧା କାହିଁକି ଡାକୁଛ ଯେ । ତା' ସ୍ୱରରେ ଥାଏ ଅମାପ ଭଲପାଇବା ଓ କୂଳ ଲଙ୍ଘୁଥିବା ଆବେଗ ।

: ରଜନୀଗନ୍ଧା କଣ ସୁଗନ୍ଧିତା ନୁହେଁ ? ରଜନୀଗନ୍ଧା କଣ ଶୁଭ୍ର ସୁନ୍ଦର ନୁହେଁ ? ମୁଁ ଯୁକ୍ତି ବାଢ଼େ ।

ଏଥରକ ସେ ନିରବ ରହେ । ମୁଁ ବୁଝାଇଦିଏ : ତୁମେ ରଜନୀଗନ୍ଧା ପରି ଶୁଭ୍ର ସୁନ୍ଦର । ସେ ଆମୋଦିତା ହୁଏ ।

ସେ ମନେପଡିଲା ତ ମୁଁ ତାକୁ ଫୋନ କଲି । ଓ କହିଲି : ସୁଗନ୍ଧିତା, ମୁଁ ଦିନେ ମୁଠାଏ ପାଉଁଶ ହେଇଯିବି ।

: କି ବାଜେ କଥା କହୁଛ । ରଖୁଛି ଫୋନ । ସେ ଆପାତତଃ ବିରକ୍ତ ହେଲା ।

: ପ୍ଲିଜ ଫୋନ ରଖନି । ଶୁଣ ଟିକିଏ । ପାଉଁଶ ହେବା ହିଁ ଚିରନ୍ତନ ସତ୍ୟ ।

: ଜହ୍ନ ଦେଖୁଚ ? ସେ ପଚାରିଲା । ପ୍ରସଂଗ ବଦଳାଇଲେ କଥାର ମୋଡ଼ ବଦଳିଯିବ ମନେକରି ଆପାତତଃ ।

: ହଁ, ଜହ୍ନ କ୍ରମଶଃ ସୁଗୋଲ ହେବା ଆରମ୍ଭ କରିଛି । କିନ୍ତୁ ସେ ଚୂନା ଚୂନା ହେଇ ଝରିଯାଉଛି ଦେବଦାରୁ ପତ୍ର ଶୀର୍ଷରେ । ଝରିଯିବା ହିଁ ଚିରନ୍ତନ ସତ୍ୟ ।

: ଆମେ ତେବେ ଝରିଯିବା ଏଇ ଜହ୍ନ ପରି । ସେ ଗମ୍ଭୀର ହୋଇଗଲା ।

: ସତରେ ମୁଠାଏ ପାଉଁଶ ହେଇଯିବା ନା ? ତା' ସ୍ୱର ଆର୍ଦ୍ର ଶୁଭିଲା । କିନ୍ତୁ ତୁମ ଆଗରୁ ମୁଁ ପାଉଁଶ ହୁଏ ଯେମିତି । ସେ କହିଲା ।

: ଏ ପବନରେ, ଶୂନ୍ୟରେ କେଉଁଠି ପାଉଁଶର ରେଣୁଟିଏ ହୋଇ ତଥାପି ମୁଁ ଅପେକ୍ଷା କରିଥିବି ଯେ .. । ଦିନେ ପାଉଁଶର ଦୁଇଟି ରେଣୁ ପବନରେ କୁଆଡ଼େ ବିଲୀନ ହେଇଯିବେ ଗୋଟିଏ ବିନ୍ଦୁରେ । ଅନ୍ତତଃ ସ୍ୱର୍ଗ ପରି ଲାଗୁଥିବା ଏଇ ମର୍ତ୍ତ୍ୟରେ ପୁନର୍ବାର ଜନ୍ମ ନେବା ପର୍ଯ୍ୟନ୍ତ ।

ତା' କଥା ଶୁଣି ମୋର ମନେ ହେଲା : ଏ ନଶ୍ୱର ଜଗତ ନୁହେଁ ଆଦୌ । ଏ ସ୍ୱର୍ଗ । ଚିରନ୍ତନ ।

*- 'ଦିଗବଳୟ', ଲେଣ୍ଡା, ବରପାଲି, ବରଗଡ଼*
*ମୋ :୯୪୩୯୦୪୦୯୩୭*



# ଆରମ୍ଭରୁ ଚର୍ଚ୍ଚା



ନାମୀ ପ୍ରଯୋଜକ ପୁରୀ ଜଗନ୍ନାଥଙ୍କ ଆଗାମୀ ପ୍ରୋଜେକ୍ଟ 'ଡବଲ ଆଇସ୍ମାର୍ଟ'କୁ ନେଇ ଆଲୋଚନା ଜୋର ଧରିଛି। ବିଶେଷଭାବରେ ଏଥିରେ ସଞ୍ଜୟ ଦତ୍ତଙ୍କ ଭୂମିକାକୁ ନେଇ ବେଶୀ ଚର୍ଚ୍ଚା। ଏଥିରେ ତାଙ୍କୁ ନେଗେଟିଭ୍ ରୋଲ୍‌ରେ ଦେଖିବାକୁ ମିଳିବ। ଏହାର ପ୍ରଥମ ଲୁକ୍ ରିଲିଜ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏଥିରେ ସଞ୍ଜୟଙ୍କର ଷ୍ଟାଇଲିସ୍ ଲୁକ୍‌କୁ ଦର୍ଶକ ପସନ୍ଦ କରିଛନ୍ତି। ଏ ନେଇ ସଞ୍ଜୟ କହନ୍ତି, 'ଏହି ଫିଲ୍ମରେ ମୋତେ ଏକ ଫୁଲ୍ ଲେନ୍ଥ ରୋଲ୍ ମିଳିଛି। ଏଥର ମୁଁ ଏକ ଭିନ୍ନ ଲୁକ୍‌ରେ ଓ ନେଗେଟିଭ୍ ରୋଲ୍‌ରେ ପରଦା ଉପରକୁ ଆସୁଛି। ଦର୍ଶକ ବି ଏହାକୁ ଗ୍ରହଣ କରୁଛନ୍ତି ଯାହା ମୋ ପାଇଁ ବଡ କଥା।' ସଞ୍ଜୟଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୧୯୭୧ରେ 'ରେଶମା ଔର ଶେରା' ଫିଲ୍ମରେ। ଏଥିରେ ତାଙ୍କୁ ଜଣେ ଶିଶୁ କଳାକାର ଭାବରେ ଦେଖିବାକୁ ମିଳିଥିଲା। କିନ୍ତୁ ୧୯୮୧ରେ ରିଲିଜ ହୋଇଥିବା 'ରକି'ରୁ ସେ ନାୟକ ଭାବରେ ଡେବ୍ୟୁ କରିଥିଲେ।

# କାହାଣୀ ପାଇଁ ଟେନ୍‌ସନ୍

ସାରା ଅଲ୍ଲୀ ଖାଁଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ଗୋଟିଏ ନୂଆ ଅଫରକୁ ନେଇ ଦୋଛକିରେ ପଡିଛନ୍ତି। ଯେତେବେଳେ ତାଙ୍କୁ ଏ ନେଇ ଯୋଗାଯୋଗ କରାଗଲା ସେତେବେଳେ ହଁ ଭରିଥିଲେ। ହେଲେ ପରେ କ'ଣ ହେଲା କେଜାଣି, କାହାଣୀକୁ ପୁଣି ଥରେ ତର୍ଜମା କରିବାକୁ ସମୟ ମାଗିଛନ୍ତି। ଆଉ ଏ ନେଇ ଅଡୁଆରେ ପଡିଛନ୍ତି ପ୍ରଯୋଜକ। ଏଭଳି ଅଫର ବିଷୟରେ ସାରା କହନ୍ତି, 'ସତ କଥା ହେଲା, ଯେତେବେଳେ ମୋତେ ଅଫରଟି ମିଳିଲା ସେତେବେଳେ ଏହାର କାହାଣୀକୁ ଭଲ ଭାବରେ ତର୍ଜମା କରିବାକୁ ଭୁଲି ଯାଇଥିଲି। ସେହି ସମୟରେ ସିନା ଏଥିରେ ଆକ୍ଟିଂ କରିବି ବୋଲି ରାଜି ହୋଇଥିଲି, ହେଲେ ଏବେ କାହାଣୀକୁ ଆଉ ଥରେ ଭଲ ଭାବରେ ବୁଝିବାକୁ ଚାହୁଁଛି। ଅବଶ୍ୟ ପ୍ରଯୋଜକ ଏ ନେଇ ଅଡୁଆରେ ପଡିଯାଇନ୍ତି। କିନ୍ତୁ ମୁଁ ଏବେଠାରୁ କ୍ଲିୟର କରିଦେଉଛି ଯେ, ଏଥିରେ ମୁଁ ଅଭିନୟ କରିବାରେ କୌଣସି ଅସୁବିଧା ନାହିଁ, ହେଲେ କାହାଣୀରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ।' ତେବେ ଏଭଳି ପରିସ୍ଥିତିରେ ସାରାଙ୍କ ହାତରେ ଏହି ଅଫର ରହୁଛି ନା ଖସି ଯାଉଛି ତାହା ଦେଖିବାକୁ ବାକି ରହିଲା।



ସାରା

# ଆଲିୟାଙ୍କ ପୂର୍ବାନୁମାନ

ସତରେ ପତ୍ନୀ ହେବ ତ ଏମିତି। ଦେଖୁନାହାନ୍ତି, ଆଲିୟା ଭଟ୍ଟ କେମିତି 'ଆନିମଲ' ହିଟ୍ ସାବ୍ୟସ୍ତ ହେବ ବୋଲି ପୂର୍ବାନୁମାନ କରିସାରିଲେଣି। ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବରରେ ରିଲିଜ ହେବାକୁ ଯାଉଛି। ଏ ନେଇ ଆଲିୟା କହନ୍ତି, 'ଏହି ଫିଲ୍ମରେ ରଣବୀରଙ୍କୁ ଦର୍ଶକ ଏକ ଡିଫରେଣ୍ଟ ଲୁକ୍‌ରେ ଦେଖିବାକୁ ପାଇବେ। ଏହାର କାହାଣୀ ଯେଉଁଭଳି ରହିଛି ସେଥିରୁ ମୋର ଦୃଢ଼ ବିଶ୍ୱାସ ଅଛି ଯେ, ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ। ଅନ୍ୟପକ୍ଷରେ ଏଭଳି ଭୂମିକାକୁ ଫୁଲ ଜଷ୍ଟିସ୍ ଦେବାକୁ ରଣବୀର ବେଶ୍ ପରିଶ୍ରମ କରିଛନ୍ତି। ସେ ଯେତେବେଳେ ମୋତେ ଏ ଫିଲ୍ମ ବିଷୟରେ କହିଥିଲେ ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା।' 'ଆନିମଲ୍' ଫିଲ୍ମରେ ରଣବୀର କପୁରଙ୍କ ନାୟିକା ସାଜିଛନ୍ତି ରଶ୍ମିକା ମନ୍ଦାନା। ଏଥିରେ ଅନୀଲ କପୁର ଏବଂ ବବି ଦେଓଲଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ଦୀପ ରେଡ୍ଡି ଭାଙ୍ଗା। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।



ଆଲିୟା



ସୁସ୍ମିତା

# ତାଲି

ଚଳିତ ମାସ ୧୫ରେ ସୁସ୍ମିତା ସେନ୍‌ଙ୍କ ଅଭିନୀତ ବାୟୋପିକ୍ 'ତାଲି' ଷ୍ଟ୍ରିମିଙ୍ଗ ହେବାକୁ ଯାଉଛି। ଜଣେ କିନ୍ନରଙ୍କର ଜୀବନୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଆଉ ଏଭଳି ଏକ ରୋଲ୍‌କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସୁସ୍ମିତା। ଜଣେ କିନ୍ନର ହେଲେ ମଧ୍ୟ ସାମାଜିକ କର୍ମୀ ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି ଶ୍ରୀଗୌରୀ ସାୱନ୍ତ। ଏପରି ଏକ ରୋଲକୁ ନେଇ ସୁସ୍ମିତା କହନ୍ତି, 'ଗାଲି ସେ ତାଲି ତକ୍। ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ। ହେଲେ ଗୋଟିଏ ସାଧାରଣ କଥା ଜୀବନର ଧାରାକୁ ବଦଳାଇ ଦେଇଥାଏ। ସମାଜସେବା ସହ ଜଡିତ ହୋଇ ଶ୍ରୀଗୌରୀ ବେଶ୍ ସୁନାମ ଅର୍ଜନ କରିଛନ୍ତି। ତାଙ୍କ ଭଳି ଜଣେ ସାମାଜିକ କର୍ମୀଙ୍କ ବାୟୋପିକ୍‌ରେ କାମ କରିଛି। ପୁଣି ମୁଖ୍ୟ ଭୂମିକାରେ। ଆଉ ଦିନ କେଇଟା ପରେ ଏହାର ଷ୍ଟ୍ରିମିଙ୍ଗ ଆରମ୍ଭ ହେବ। ଏହାର ସଫଳତାକୁ ନେଇ ଆଶା ରଖିଛି। ଏହାର ଟିଜରଗୁଡିକ ମଧ୍ୟ ବେଶ୍ ଭାଇରାଲ ହୋଇଛି।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରବି ଯାଦବ।

# କଫି ପ୍ରିୟ ରଶ୍ମିକା


ରଶ୍ମିକା ମନ୍ଦାନା ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନଥାଏ, ତେବେ ମାର୍କେଟରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? କଫି ପ୍ୟାକେଟ୍। ସେ ବାହାରକୁ କିମ୍ବା ଶୁଟିଂ ଶେଟ୍‌କୁ ଗଲେ ସାଙ୍ଗରେ କଫି ପ୍ୟାକେଟ ନେଇଯାଆନ୍ତି। ଏ ନେଇ ରଶ୍ମିକା କହନ୍ତି, 'ମୋ ଭ୍ୟାନିଟ୍‌ରେ ସବୁବେଳେ କଫି ପ୍ୟାକେଟ ଥାଏ। କାରଣ କୌଣସି କାମରୁ ଟିକେ ଫୁରସତ ମିଳିଲେ ମୋର କପେ କଫି ଦରକାର। ଏପରି କି ଶୁଟିଂ ସେଟ୍‌ରେ ମୁଁ ନେଇଥିବା କଫିକୁ ପ୍ରସ୍ତୁତ କରିବାକୁ ସ୍ପଷ୍ଟ ବୟଙ୍କୁ ଦେଇଥାଏ। ପାଠ ପଢ଼ିବା ବେଳରୁ ଏହା ମୋର ଏକ ଅଭ୍ୟାସ।' ରଶ୍ମିକା ଏକାଥରେ ସାଇକୋଲୋଜି, ଜର୍ଣ୍ଣାଲିଜିମ ଏବଂ ଇଂରାଜୀରେ ଡିଗ୍ରୀ ହାସଲ କରିଛନ୍ତି। ଅଭିନୟ ପୂର୍ବରୁ ସେ ମଡେଲିଂ ସହ ଜଡିତ ଥିଲେ। ତାଙ୍କୁ ଯେତେବେଳେ ଟିକେ ଅବସର ମିଳେ ସେ କ'ଣ କରନ୍ତି ଜାଣନ୍ତି ? ନିକଟସ୍ଥ ବିଚ୍‌ରେ ବୁଲାବୁଲି କରନ୍ତି। ସେ ନିଜର ସୋସିଆଲ ମିଡିଆରେ ସବୁବେଳେ ସାମାଜିକ ସଚେତନତା ବାର୍ତ୍ତା ଦେବାକୁ ପସନ୍ଦ କରନ୍ତି। କନ୍ନଡ, ତେଲୁଗୁ ଏବଂ ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ଜଣେ ନାମୀ ଅଭିନେତ୍ରୀ। ଖାସ୍ କଥା ହେଲା, ଖୁବ୍ ଶୀଘ୍ର ରଶ୍ମିକାଙ୍କୁ ଧନୁଷଙ୍କ ସହ ବଡ ପରଦାରେ ଦେଖିବାକୁ ମିଳିବ। ଏହି ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ।



ରଶ୍ମିକା

# ସମ୍ବିତଙ୍କ ନୂଆ ଅବତାର

କରୋନା ମହାମାରୀ ପରେ ଏବେ ପୁଣି ଥରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି ଚଳଚଞ୍ଚଳ ହୋଇଉଠିଛି। କେବଳ ନବାଗତ ନୁହନ୍ତି କିଛି ନିୟମିତ ପ୍ରଯୋଜକ ଓଡ଼ିଆ ଫିଲ୍ମ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଏହି ଧାରାରେ ନିଜକୁ ପୁଣି ଥରେ ସାମିଲ କରିଛନ୍ତି ଓଲିଉଡ୍‌ର ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହାର ଟାଇଟଲ ରହିଛି 'ହେ ରାମ : କର୍ମ ହିଁ ଧର୍ମ'। ଏହାର ମହୁରତ ସହ ଫାଷ୍ଟ ଲୁକ୍ ନିକଟରେ ରିଲିଜ ହୋଇଛି। ବିଦିସା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମଟିକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି ସମ୍ବିତ। କାରଣ ଏଥିରେ ତାଙ୍କୁ ଦର୍ଶକ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋତେ ବେଶ୍ ମାଇଲେଜ ଦେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ବିଶେଷଭାବରେ ଏଥିରେ ମୋ ଭୂମିକା ସମ୍ପୂର୍ଣ୍ଣ ଭିନ୍ନ।' ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଅର୍ଲିନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା, ଗୁଡୁ, ଜଗନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବର୍ଷ ଗଣେଶ ପୂଜାରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



'ହେ ରାମ' ଫିଲ୍ମରେ ସମ୍ବିତ

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ନୂଆଲୁଗା ଓ ବହି କିଣିଥିଲି



ଲେଖିକା ତଥା ଡାଏଟିସିଆନ୍
***ଜ୍ୟୋତ୍ସ୍ନା ମହାପାତ୍ର***
ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପ୍ରଥମ ସ୍କୁଲ, ପ୍ରଥମ ଟିଉସନ୍ ସାର, ପ୍ରଥମ କରି ବୁଲିବାକୁ ଯିବା ଏମିତି ଅନେକ କିଛି ଘଟଣା ପିଲାଦିନୁ ଆଜିଯାଏ ମନରେ ଛବି ହୋଇରହିଛି। ସେମିତି ଏକ ଅଭୁଲା ସ୍ମୃତି ହେଉଛି ଜୀବନର ପ୍ରଥମ ରୋଜଗାର। କଲେଜରେ ପଢ଼ିବାବେଳେ ଅନେକ ଥର ପୁରସ୍କାର ସ୍ୱରୂପ ଟଙ୍କା ପାଇଥିଲି, ଆଉ ସେ ସବୁ ଟଙ୍କା ମୋର ବହି କିଣାରେ ସରିଯାଉଥିଲା। କାରଣ ବହି ପଢ଼ିବା ପ୍ରତି ମୋର ଥିଲା ପ୍ରବଳ ଆଗ୍ରହ। ତେବେ ପ୍ରାଣନାଥ ମହାବିଦ୍ୟାଳୟ, ଖୋର୍ଦ୍ଧାରୁ ଉଦ୍ଭିଦ ବିଜ୍ଞାନ ସମ୍ମାନ ରଖି ଗ୍ରାଜୁଏଶନ୍ ପାସ୍ କରିବା ପରେ ଗୋଟେ ପିଲାକୁ ଟିଉସନ୍ କରିବା ଆରମ୍ଭ କରିଥିଲି। ସେଥିରୁ ଯେଉଁ ସ୍ୱଳ୍ପ ରୋଜଗାର ହେଉଥିଲା ତାହା ମୋର ହାତ ଖର୍ଚ୍ଚରେ ସରି ଯାଉଥିଲା। ଏମିତି କିଛିଦିନ ଯିବା ପରେ ୨୦୧୩ରେ ପ୍ରାଣନାଥ ମହାବିଦ୍ୟାଳୟରେ ଲାବରେଟୋରି ଆସିଷ୍ଟାଣ୍ଟ ଭାବେ ମୋତେ ଚାକିରି ମିଳିଲା। ନିଜେ ପଢୁଥିବା କଲେଜରେ ଚାକିରି କରିବାର ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଥିଲା। ମାସେ କେମିତି ବିତିଗଲା ଜଣା ପଡିଲାନି। ମାସ ଶେଷରେ ୩,୫୦୦ ଟଙ୍କା ଦରମା ଯେବେ ହାତରେ ଧରିଲି; ସ୍ୱର୍ଗସୁଖ ମିଳିଲା ପରି ଅନୁଭବ ହେଉଥିଲା। ଟଙ୍କାକୁ କେମିତି ଖର୍ଚ୍ଚ କରିବି ସେ ନେଇ ଅନେକ ଭାବନା ମନକୁ ଆସୁଥିଲା। ଶେଷରେ ନିଷ୍ପତ୍ତି ନେଲି କିଛି ଟଙ୍କାରେ ଜେଜେମା', ଜେଜେବାପା, ବୋଉ ଓ ଭାଇଭଉଣୀଙ୍କ ପାଇଁ ଲୁଗାପଟା କିଣିବି ଆଉ ନିଜ ପାଇଁ କିଛି ବହି କିଣିବି ବୋଲି। ପ୍ରଥମ ଦରମାରେ ନୂଆଲୁଗା କିଣିଦେବାରୁ ଘରେ ସମସ୍ତେ ବହୁତ ଖୁସି ହେଲେ ଆଉ ମୋତେ ଆଶୀର୍ବାଦ ବି କଲେ। ତା'ପରେ ୬୦୦ ଟଙ୍କା ଦେଇ ଓଡ଼ିଶା ଇ ଷ୍ଟୋରରୁ ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ, ରମାକାନ୍ତ ରଥ ଓ ଅବଦୁଲ କଲାମଙ୍କର ଗୋଟିଏ ଗୋଟିଏ ବହି ମୁଁ ଅର୍ଡର କରିଥିଲି। ସେ ବହିସବୁ ଯେଉଁଦିନ ଆସି ଘରେ ପହଞ୍ଚିଲା, ସେଦିନ ମୋ ଖୁସି କହିଲେ ନ ସରେ। ଏସବୁ କିଣାକିଣି ପରେ ବି ଆଉ କିଛି ଟଙ୍କା ମୋ ପାଖରେ ବଳି ପଡିଥିଲା; ଯାହାକୁ ସବୁଦିନିଆ ଖର୍ଚ୍ଚ ପାଇଁ ମୁଁ ମୋ ପାଖରେ ରଖିଥିଲି। ଏହିପରି ଭାବେ ପ୍ରଥମ ଦରମାକୁ ଖର୍ଚ୍ଚ କରିଥିଲି। ୨୦୧୯ ଯାଏ ଉକ୍ତ କଲେଜରେ କାମ କରିବା ପରେ ପୁରୀସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଡାଏଟିସିଆନ୍ ଭାବେ କିଛିଦିନ କାମ କଲି। କରୋନା ସମୟରେ କାମ କରିବାକୁ ଅସୁବିଧା ହେବାରୁ ସେହି ଚାକିରି ଛାଡ଼ି ନିଜର ଏକ ଡାଏଟିସିଆନ୍ ୱେବସାଇଟ୍ ଖୋଲିଲି, ଆଉ ସେଥିରେ ବିଭିନ୍ନ ଉପଯୋଗୀ ଟିପ୍ସଗୁଡ଼ିକ ଅପ୍‌ଲୋଡ୍ କରିଚାଲିଲି। ଲେଖାଲେଖିରେ ରୁଚି ଥିବାରୁ ମଝିରେ ମଝିରେ କବିତା, ପ୍ରବନ୍ଧ ତଥା ଗ୍ରନ୍ଥ ବି ଲେଖୁଥିଲି। ଏଥିସହିତ କେତେଜଣ ବିଶିଷ୍ଟ ଗାଳ୍ପିକା/ଗାଳ୍ପିକଙ୍କର ଓଡ଼ିଆ ଗପକୁ ଇଂଲିଶରେ ଟ୍ରାନ୍ସଲେଶନ କରିବାର କାମ ବି କଲି। ଏସବୁଥିରୁ ଭଲ ରୋଜଗାର ହେଉଥିଲେ ମଧ୍ୟ ପ୍ରଥମ ଦରମାର ସେହି ମିଠା ଅନୁଭୂତିକୁ ଆଜି ଯାଏ ବି ମନରୁ ଭୁଲି ପାରୁନି।

# ସୁନ୍ଦରୀ ହସରେ ଅନେକ କଥା, ଘଡିକେ ଘୁରାଇ ଦିଅଇ ମଥା

ସାଥୀ



**ପ୍ରଶ୍ନ–**ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ହେଲେ ମୋ ଆଖିରେ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ସେହି ହସରେ କ'ଣ ପ୍ରେମ ରହିଛି? *–ସନ୍ଦୀପ, ପୁରୀ*

**ଉତ୍ତର:** ସେହି ସୁନ୍ଦରୀର ଲାଜଭରା ଚାହାଣୀରେ ପ୍ରେମ ଲୁଚି ରହିଛି। 'ସୁନ୍ଦରୀ ହସରେ ଅନେକ କଥା, ଘଡିକେ ଘୁରାଇ ଦିଅଇ ମଥା।' କିନ୍ତୁ ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ହୁଏତ ଡେରି ହେଲେ ଚାନ୍ସଟା ଆଉ କିଏ ମାରିନେଇପାରେ ! ପୁଣି ଉଲ୍ଲେଖ କରିଛନ୍ତି ଯେ, ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ, ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ–**ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି। *–କମଲ କୁମାର, ଅନୁଗୋଳ*

**ଉତ୍ତର:** ଏପରି ପ୍ରେମ ଆରମ୍ଭ କରିବା ପୂର୍ବରୁ ଆପଣ ଏବଂ ସେହି ଝିଅ ମଧ୍ୟରେ ବୟସର ପାର୍ଥକ୍ୟ କେତେ ଦେଖି ନିଅନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ଏହା ଏକ ପ୍ରମୁଖ ସମସ୍ୟା ହୋଇ ଠିଆ ହୋଇପାରେ। ଏପରି ପ୍ରେମର ପ୍ରତି ପଦକ୍ଷେପରେ ରିସ୍କ ରହିଛି। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ନ ହେଲେ କେତେବେଳେ ଏହି ପ୍ରେମର ମୀନାରଟି ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। ହେଲେ ଘଟଣା ଆଗକୁ ଆଗଉ ନାହିଁ। କ'ଣ କରିବି ? *–ବିଜୟ ରାଉତ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମରେ କେଉଁଠି କେଁ ରହିଯାଉଛି। ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି। କିନ୍ତୁ ଆପଣଙ୍କ ପ୍ରେମର ଗାଡି ଗୋଟିଏ ଜାଗାରେ ଠିଆ ହୋଇଛି। ଯେତେଶୀଘ୍ର ତାହାର କାରଣ ଖୋଜନ୍ତୁ। ନ ହେଲେ ଦିନ ଆସିବ, ସେଭଳି ପ୍ରେମ, ସ୍ୱାଦହୀନ, ରଙ୍ଗହୀନ ହୋଇପଡିବ।

**ପ୍ରଶ୍ନ–**ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ? *–ତପନ କୁମାର, ସୁନାବେଡା*

**ଉତ୍ତର:**ଜଣେ ଝିଅର ମାନସିକତାକୁ ତର୍ଜମା କରିବା ଏତେ ସହଜ କଥା ନୁହେଁ। କେତେକ ସୁନ୍ଦରୀ ପ୍ରେମର ଆରମ୍ଭରେ ନଖରାମି କରନ୍ତି। ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ କିଏ ନେଗେଟିଭ ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛର କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ।

**ପ୍ରଶ୍ନ–**ମୋ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ତାକୁ ମୁଁ ଭୁଲି ପାରୁନି। ମୁଁ ଯଦି ପୁଣି ଥରେ ମୋ ନୂଆ ପ୍ରେମ ଆରମ୍ଭ କରେ ତାହା ଠିକ୍ ହେବ ତ ? *–ଅମରେନ୍ଦ୍ର, କଟକ*


**ଉତ୍ତର:** ପ୍ରେମରେ ଧୋକା ଖାଇବା ପରେ ତାହାକୁ ମନେ ରଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ଯଦି ସେ ପ୍ରେମିକା ଆପଣଙ୍କ ହାତକୁ ଅଧା ବାଟରେ ଛାଡି ଚାଲିଗଲା ତେବେ ତାକୁ ନେଇ ଆପଣ ଏତେ ଚିନ୍ତା କରିବାର କ'ଣ ଅଛି। ପ୍ରଥମେ ସେପରି ପ୍ରେମିକାକୁ ମନରୁ ପୋଛି ଦିଅନ୍ତୁ। କାରଣ ସେହି ପ୍ରେମକୁ ଯେତେ ମନେ ପକାଇବେ ତାହା ଆପଣଙ୍କ ମନକୁ ସେତେ ଆଘାତ ଦେବ। ଯଦି ନୂଆ ପ୍ରେମ ଆରମ୍ଭ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ତେବେ ପ୍ରଥମେ ତାହାର ମୂଳଦୁଆ ଦୃଢ଼ କରନ୍ତୁ। ନୂଆ ପ୍ରେମିକା ଯେମିତି ଅଧା ବାଟରେ ଧୋକା ଦେଇ ଚାଲି ନ ଯାଏ ତାହାର ବ୍ୟବସ୍ଥା ଆରମ୍ଭରୁ କରିନିଅନ୍ତୁ। ନ ହେଲେ ଏମିତି ପ୍ରେମରେ ଧୋକା ଖାଇ ଖାଇ ଆପଣ ଚିନ୍ତାର ଦୁନିଆର ଜଣେ ପରମାନେଣ୍ଟ ଯାତ୍ରୀ ହୋଇଯିବେ।

# ସ୍ଥାପତ୍ୟ ପ୍ରେମରେ ନରୋତ୍ତମ





ପୌରାଣିକ ବିଷୟବସ୍ତୁ ସହ ନାରୀ ଚରିତ୍ର, ରୂପ ଲାବଣ୍ୟର ସ୍ଥାପତ୍ୟ ବଢ଼ିବା ଏବଂ ଆଦିବାସୀ କଳାକୃତୀକୁ ଆଧୁନିକତାର ରୂପ ଦେବାରେ ରୁଚି ରଖନ୍ତି ଶିଳ୍ପୀ ନରୋତ୍ତମ...



**ସେ**ରାମିକ୍ ଓ ଟେରାକୋଟା କଳାରେ ସେ ତିଆରି କରନ୍ତି ଭିନ୍ନ ଭିନ୍ନ ପ୍ରକାରର କଳାକୃତି । ତାଙ୍କ ହାତଗଢ଼ା କଳାକୃତିଗୁଡ଼ିକୁ ଦେଖିଲେ ଯେ କେହି ବି ଖୁସି ହୋଇଯିବେ । ସେହି କଳାକୃତୀ ଭିତରେ ଥାଏ ପୌରାଣିକ ବିଷୟବସ୍ତୁ, ନାରୀ ଚରିତ୍ର ଓ ନାରୀଙ୍କ ରୂପ ଲାବଣ୍ୟ । ସେ ହେଲେ ଶିଳ୍ପୀ **ନରୋତ୍ତମ ଦାସ** । ଜନ୍ମ ୧୭।୫।୧୯୭୮ ମସିହାରେ । ପିତା ବ୍ରହ୍ମାନନ୍ଦ ସାହୁ, ମା' ନିର୍ମଳା ସାହୁ । ସେ କୁହନ୍ତି, 'ଆମଘର କେନ୍ଦ୍ରାପଡ଼ା ଜିଲାର ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ଗ୍ରାମପଞ୍ଚାୟତର ବଙ୍ଗାରୀ ଗାଁରେ । ମୋ ବାପା ଜଣେ ସାଧାରଣ କୃଷକ, ମା'ଗୃହିଣୀ । ଆମେ ଦୁଇ ଭାଇ ଏବଂ ଦୁଇ ଭଉଣୀ । ପିଲାଟିଦିନରୁ ମୁଁ ମା' ପକାଉଥିବା ଝୋଟି ଓ ମାଟି କଣ୍ଢେଇ ତିଆରି ଦେଖି ଦେଖି ସେଥିରୁ ଅନୁପ୍ରାଣିତ ହୋଇଥିଲି । ଗାଁ ବଙ୍ଗାରୀ ୟୁଜିଏମ୍ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ତଳକୁସୁମା ଗୋବିନ୍ଦପୁର ହାଇସ୍କୁଲରେ ୧୦ମ ପଢ଼ିଲି । ସେହି ସ୍କୁଲ ସମୟରେ ଗାଁ ସାଙ୍ଗମାନଙ୍କ ସହିତ ମିଶି ମାଟିରେ ଗଣେଶ ମୂର୍ତ୍ତି ଏବଂ ଅନ୍ୟାନ୍ୟ ମୂର୍ତ୍ତି ଗଢୁଥିଲି । ପାଠପଢ଼ା ଅପେକ୍ଷା ମୂର୍ତ୍ତି ତିଆରି କରିବାକୁ ବେଶି ଭଲ ପାଉଥିଲି । ଆମ ଗାଁରେ ଧନେଶ୍ୱର ଦାଦାଙ୍କ ଘରକୁ ଥରେ ଶିଳ୍ପୀ ଦେବରାଜ ସାହୁ ଆସିଥିଲେ । ତାଙ୍କର ବିଭିନ୍ନ କଳାକାରିଗରି ଦେଖି ଖୁସି ହୋଇ କହିଥିଲି ମୁଁ ଆପଣଙ୍କଠାରୁ କାରିଗରି କାମ ଶିଖିବି । ସେ କହିଲେ ୧୦ମ ପରେ ଆସିବୁ । ପରେ ମୁଁ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ୨ବର୍ଷଧରି ଟେରାକୋଟା ବିଭାଗରେ ତାଲିମ ନେଲି । ତା' ପରେ କିଛିବର୍ଷ ବେଙ୍ଗାଲୁରୁ ଯାଇ ସେରାମିକ କୋର୍ସ ଓ ୨ ବର୍ଷ ଚଣ୍ଡିଗଡ଼ରେ ପେଣ୍ଟିଂରେ ଡିପ୍ଲୋମା କଲି । ଏହାପରେ ଧଉଳି ଚାରୁକଳା ମହାବିଦ୍ୟାଳୟର ସ୍ଥପତି ବିଭାଗରେ ୫ବର୍ଷ କୋର୍ସ କଲି । ୧୯୯୬ରୁ ମୁଁ ଏହି କାମ କରୁଛି । ପୌରାଣିକ ବିଷୟ ସହ ନାରୀଙ୍କ ରୂପ ଗୁଣକୁ ନେଇ କଳାକୃତୀ କରିବାରେ ମୋର ରୁଚି ରହିଛି । ସେହିପରି ଆଦିବାସୀକଳାକୁ ନେଇ ପାରମ୍ପରିକ ଓ ଆଧୁନିକ ଶୈଳୀରେ ମୂର୍ତ୍ତି ତିଆରି କରିଥାଏ । ମହାରାଷ୍ଟ୍ରରେ କେଭିଆଇସିରେ ପ୍ରାୟ ୧୨ବର୍ଷ ଧରି ସିନିୟର ଇନ୍‌ଷ୍ଟ୍ରକ୍ଟରଭାବେ କାମ କରିଥିଲି । ଭୁବନେଶ୍ୱର ଛଡ଼ା ଭାରତର ପ୍ରାୟ ସବୁ ସହରରେ ଆୟୋଜିତ ସେରାମିକ ଓ ଟେରାକୋଟା ଶିବିରରେ ଯୋଗଦେଇଛି । ସାଉଥସେଣ୍ଟର ଜୋନ, ଆଇଆଇଟିଏଚ୍ ନୂଆଦିଲ୍ଲୀ, ରାଷ୍ଟ୍ରୀୟ ଲଳିତକଳା ଏକାଡେମିଠାରେ ମୋର ହାତଗଢ଼ା କେତେକ ସେରାମିକ କଳାକୃତି ସ୍ଥାନ ପାଇଛି । ସେହିପରି ଆମେରିକାରେ ମୋର 'ଟାଟୁ ଲେଡି' ନାମକ ଏକ କଳାକୃତୀ ଅଛି, ଯେଉଁଥିରେ ଜଣେ ଆଦିବାସୀ ନାରୀ ହାତରେ ଟାଟୁ ରହିଛି ।

ତାଙ୍କର ଏହି ପ୍ରତିଭା ପାଇଁ ତାଙ୍କୁ ରାଜ୍ୟ ଓ ଜାତୀୟସ୍ତରରେ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ଯେଉଁଥିରେ ଓଡ଼ିଶାରୁ ରାଜ୍ୟ ହସ୍ତକଳା ପୁରସ୍କାର, ନାଗପୁରରେ ସର୍ବଭାରତୀୟ ପେଣ୍ଟିଂକଳା ପୁରସ୍କାର ଥିବାବେଳେ ଚଳିତବର୍ଷ ୨୦୨୩ ରାଷ୍ଟ୍ରୀୟ ଲଳିତକଳା ଏକାଡେମି ତରଫରୁ ପୁରସ୍କାର ପାଇଁ ବି ମନୋନୀତ ହୋଇଛନ୍ତି । ସେ କୁହନ୍ତି, 'କଳାକ୍ଷେତ୍ରରେ ଅନେକ ବାଧାବିଘ୍ନ ଆସିଛି, ମାତ୍ର କେବେ ଭାଙ୍ଗିପଡ଼ିନାହିଁ । ମୋ ଭାଇ ଅନେକ ସମୟରେ ମୋତେ ସାହସ ଦେଇଛନ୍ତି । ଏବେ 'ସର୍ଜନା' ନାମରେ ଏକ ହସ୍ତକଳା ସଂସ୍ଥା ଗଢି ପିଲାମାନଙ୍କୁ ତାଲିମ ଦେଉଛି । ଯାହା ମତେ ବେଶ ଆତ୍ମସନ୍ତୋଷ ଦେଉଛି ।









ଏଲି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଜଳେଇ ଦେ

ମା' ଝିଅକୁ : ଦିଶୁ ପଢୁଛି, ଗଲୁ ଲ୍ୟାମ୍ପଟା ଜଳେଇ ଦେଇ ଆସିବୁ।
କିଛି ସମୟ ପରେ ଝିଅ: ହଁ, ମା' ଜଳେଇ ଦେଇଛି।
ମା' ଦିଶୁ ପାଖକୁ ଯାଇ ଦେଖିଲେ ଲ୍ୟାମ୍ପ ନାହିଁ। ଝିଅକୁ ରାଗିକି: ମୁଁ ତତେ କହିଥିଲି ଲ୍ୟାମ୍ପ ଜଳେଇବାକୁ। ହେଲେ ଏଠି ତ ଲ୍ୟାମ୍ପ ହିଁ ନାହିଁ। କୁଆଡ଼େ ନେଲୁ ତାକୁ?
ଝିଅ: ତମେ ଯାହା କହିଥିଲ ମୁଁ ତ ସେଇଆ କରିଛି। ତମେ କହିଥିଲ ଲ୍ୟାମ୍ପ ଜଳେଇବାକୁ। ମୁଁ ତାକୁ ଅଗଣାକୁ ନେଇ କିରୋସିନ ଢାଳି ଜାଳି ଦେଇଛି। ଏବେ ତ ସେଇଟା ପୁରା ଜଳି ଯାଇଥିବ।


## ଫରକ

ସ୍ତ୍ରୀ ଇଂରାଜୀ ନୋଭେଲ ପଢୁ ପଢୁ ସ୍ୱାମୀଙ୍କୁ: କହିଲ ଦେଖି କମ୍ପ୍ଲିଟ୍ ଆଉ ଫିନିଶ୍ ଭିତରେ ଫରକ କ'ଣ?
ସ୍ୱାମୀ: ଶୁଣ, ତୁମକୁ ଭଲରେ ବୁଝାଇ ଦେଉଛି। ମୁଁ ତୁମକୁ ମିଳିଗଲି 'ତୁମ ଲାଇଫ୍ କମ୍ପ୍ଲିଟ୍ ହେଇଗଲା'। ଆଉ ତମେ ମତେ ମିଳିଗଲ 'ମୋ ଲାଇଫ୍ ଫିନିଶ୍ ହେଇଗଲା'।

## ପ୍ରଶ୍ନର ଉତ୍ତର

ଶିକ୍ଷୟିତ୍ରୀ ପିଲାଙ୍କୁ: ମୁଁ ତୁମକୁ ଏକ ପ୍ରଶ୍ନ ପଚାରିବି। ଯିଏ ଠିକ୍ ଉତ୍ତର ଦେବ ତାକୁ ମୁଁ ଘରକୁ ଯିବାକୁ ଦେବି।
ଗୋଗି ସଙ୍ଗେ ସଙ୍ଗେ ଝରକା ବାଟେ ନିଜ ବ୍ୟାଗ ବାହାରକୁ ଫିଙ୍ଗି ଦେଲା।
ଶିକ୍ଷୟିତ୍ରୀ: ବ୍ୟାଗ୍ ବାହାରକୁ କିଏ ଫିଙ୍ଗିଲା?
ଗୋଗି: ମୁଁ। ଏତିକି କହି ଗୋଗି ବାହାରକୁ ଚାଲିଗଲା।
ଶିକ୍ଷୟିତ୍ରୀ ରାଗିକି: କୁଆଡ଼େ ଯାଉଛୁ?
ଗୋଗି: ଆପଣ ପ୍ରଶ୍ନ ପଚାରିଲେ ମୁଁ ଉତ୍ତର ଦେଲି। ସେଥିପାଇଁ ଘରକୁ ଯାଉଛି।

# ଶାନ୍ତିପ୍ରିୟ ଗାଁ ନାକୋ



**ହୀମାଚଳ ପ୍ରଦେଶର କିନ୍ନାଉର୍ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ଗାଁ ହେଉଛି ନାକୋ। ପାହାଡ଼, ପର୍ବତ, ନଦୀ, ହ୍ରଦର ଅପୂର୍ବ ସୌନ୍ଦର୍ଯ୍ୟ ଏହି ଗାଁକୁ ଦେଇଥାଏ ଏକ ନିଆରା ପରିଚୟ। ନାକୋ ହ୍ରଦ, ନାକୋ ମଠ ତଥା ଏକାଧିକ ବୌଦ୍ଧ ସ୍ତୁପ ଦେଖିବାକୁ ମିଳୁଥିବା ଏହି ସ୍ଥାନରେ ପର୍ଯ୍ୟଟକ ମୁଖ୍ୟତଃ ଶାନ୍ତି ପାଇବା ଆଶାରେ ବୁଲି ଆସିଥାନ୍ତି...**

ହୀମାଚଳ ପ୍ରଦେଶର କିନ୍ନାଉର୍ ଜିଲା ଅନ୍ତର୍ଗତ ହାଙ୍ଗରାଙ୍ଗ ଉପତ୍ୟକାରେ ଗଢ଼ି ଉଠିଥିବା ଏକ ସୁନ୍ଦର ଗାଁ ହେଉଛି ନାକୋ। ସମୁଦ୍ରପଉନରୁ ପ୍ରାୟ ୧୧,୮୯୩ ଫୁଟ ଉଚ୍ଚତାରେ ଥିବା ଏହି ଗାଁର ଚତୁଃପାର୍ଶ୍ୱରେ ରହିଛି ବହୁ ଉଚ୍ଚ ଉଚ୍ଚ ପାହାଡ଼ ଓ ପର୍ବତ। ତା'ସାଙ୍ଗକୁ ଏଠାକାର ନଦୀ, ହ୍ରଦର ଅପୂର୍ବ ସୌନ୍ଦର୍ଯ୍ୟ ବି ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। କେବଳ ସେତିକି ନୁହେଁ, ସହରର କୋଳାହଳରୁ ଦୂରରେ ଥିବା ଏହି ସ୍ଥାନରେ ରହିଛି ଅନେକ ବୌଦ୍ଧ ସ୍ତୁପ ଓ ମଠ ; ଯାହାର ଶାନ୍ତ ପରିବେଶ ମନକୁ ବେଶ୍ ଆନନ୍ଦ ଦେଇଥାଏ। ସ୍ଥାନୀୟ ଲୋକ ବି ଖୁବ୍ ଶାନ୍ତିପ୍ରିୟ। ଖାସ୍ ସେଥିପାଇଁ ଟିକେ ଶାନ୍ତି ପାଇବା ଆଶାରେ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏଠାକୁ ବୁଲିବା ଲାଗି ଆସିଥାନ୍ତି।

## କ'ଣ ଦେଖିବେ

ପର୍ଯ୍ୟଟକଙ୍କ ଦେଖିବା ପାଇଁ ନାକୋରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ଯେମିତି କି: ନାକୋ ମଠ, ନାକୋ ହ୍ରଦ, ନାକୋ ନଦୀ, ଟାଙ୍ଗୋ ଗୋମ୍ପା ଇତ୍ୟାଦି। ତା'ସହିତ ଏକାଧିକ ବୌଦ୍ଧ ସ୍ତୁପ ବି ଏଠାରେ ଦେଖିବାକୁ ମିଳେ। ନାକୋ ହ୍ରଦର ଆକର୍ଷଣ ତ ବେଶ୍ ମନଛୁଆଁ। ସନ୍ଧ୍ୟା ସମୟରେ ଏହି ହ୍ରଦ ନିକଟରେ ନାନା ଜାତିର ପକ୍ଷୀଙ୍କୁ ଦେଖିବାକୁ ମିଳେ, ଯାହା କି ଖୁବ୍ ଆଖିଦୃଶିଆ ହୋଇଥାଏ। ସେହିପରି ଏହି ହ୍ରଦ ନିକଟରେ ଥିବା ଏକ ବଡ଼ ପଥର ଖଣ୍ଡ ଉପରେ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କର ପାଦଚିହ୍ନ ଥିବାର ବିଶ୍ୱାସ କରାଯାଏ। ସେଥିପାଇଁ ପରବର୍ତ୍ତୀ ସମୟରେ ଉକ୍ତ ପଥର ନିକଟରେ ଗୁରୁ ପଦ୍ମସମ୍ଭବଙ୍କର ପ୍ରତୀମା ଗଢ଼ାଯାଇ ତାଙ୍କର ଆରାଧନା କରାଯାଉଛି। ପର୍ଯ୍ୟଟକ ବି ଏଠାକୁ ଯାଇ ଅପୂର୍ବ ଆନନ୍ଦ ଲଭି ପାରୁଛନ୍ତି। କେବଳ ସେତିକି ନୁହେଁ, ଖରାଦିନେ ଏହି ହ୍ରଦରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ବୋଟିଂର ସୁବିଧା ରହିଛି। ତେବେ ଶୀତଦିନେ ଉକ୍ତ ହ୍ରଦର ଜଳ ଓ ଆଖପାଖ ଅଞ୍ଚଳରେ ବରଫର ଚାଦର ଘୋଡ଼େଇ ହୋଇଯାଉଥିବାରୁ କିଛି ପର୍ଯ୍ୟଟକ ଏଠାକୁ ଆଇସ୍ ସ୍କେଟିଂ କରିବାକୁ ମଧ୍ୟ ଆସିଥାନ୍ତି।

## ସେଓ ଓ ଆପ୍ରିକଟ୍‌ର ଚାହିଦା

ଏହି ଅଞ୍ଚଳରେ ସେଓ ଓ ଆପ୍ରିକଟ୍ ଚାଷ ଭଲ ହୋଇଥାଏ ବୋଲି ସୂଚନା ରହିଛି। ତେଣୁ ପର୍ଯ୍ୟଟକ ଚାହିଁଲେ ଫେରିବା ସମୟରେ ସୁଲଭ ଦରରେ ଏହି ସବୁ ଜିନିଷ ଏଠାରୁ କିଣି ଆଣିପାରିବେ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ଏପ୍ରିଲ୍‌ରୁ ଅକ୍ଟୋବର ହେଉଛି ନାକୋକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ତା'ପରେ ଆସିଯାଏ ଶୀତଋତୁ। ଶୀତରେ ଏଠାରେ ପ୍ରବଳ ତୁଷାରପାତ ହେଉଥିବାର ସୂଚନା ରହିଛି। ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ଭଲ ସୁବିଧା ରହିଛି। ଶିମ୍‌ଲା ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ, ଯାହା ପ୍ରାୟ ୨୫୦ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ କିନ୍ନାଉର୍‌କୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। କିନ୍ନାଉର୍‌ରୁ ମାତ୍ର ଦେଢ ଘଣ୍ଟାର ରାସ୍ତା ହେଉଛି ନାକୋ ; ଯେଉଁଠାକୁ କିଛି ବାଟ ଗାଡ଼ିରେ ଯାଇହେବ ଆଉ ତା'ପରେ ଟ୍ରେକିଂ କରି ଯିବାକୁ ପଡ଼ିବ।







# ସାଧବ ବୋହୂ



**କୀଟପତଙ୍ଗଙ୍କୁ ଅନେକେ ଡରନ୍ତି, ଘୃଣା ବି କରନ୍ତି। ହେଲେ ଇଏ ଏମିତି ଏକ କୀଟ, ଯାହାକୁ ଦେଖିବା ଓ ଟିକେ ଧରିବାକୁ  ସମସ୍ତେ ଚାହାନ୍ତି। କାରଣ ଏହା ବହୁତ ସୁନ୍ଦର, ଲାଲ ଭେଲ୍‌ଭେଟ୍ ପରି ତା'ର ଶରୀର। ଆଖି ଲାଗିଗଲା ଭଳି ଏହି କୀଟକୁ ସମସ୍ତେ ଜାଣନ୍ତି ସାଧବ ବୋହୂ ଭାବରେ। ଏଥର ଜାଣିବା ଏଇ ଲାଲ ଟୁକ୍ ଟୁକ୍ କୀଟ ସମ୍ପର୍କରେ କିଛି..**

ବର୍ଷା ଋତୁ ପରେ ଶୀତ ଋତର ଆଗମନ ସମୟରେ ଯେବେ ଘାସ ଉପରେ କାକର ବୁନ୍ଦା ପଡେ ସେତେବେଳେ ଦେଖା ଯାଆନ୍ତି ସାଧବ ବୋହୂ। ଭାରତର ବିଭିନ୍ନ ସ୍ଥାନରେ ଏହା ଭିନ୍ନ ଭିନ୍ନ ନାମରେ ପରିଚିତ। ଯେମିତିକି ରାଜସ୍ଥାନରେ ଏହା 'ବୁଢି ମାଈ', ଛତିଶ ଗଡ଼ରେ 'ରାନୀ କିଡା', ଉତ୍ତର ଭାରତର ଅନେକ ଭାଗରେ 'ଭଗବାନ କି ବୁଢିୟା', ଦକ୍ଷିଣ ଭାରତର ତେଲୁଗୁ ଭାଷାଭାଷୀମାନେ ଏହାକୁ 'ଅରୁଦ୍ର' ଓ ତାମିଲରେ 'ପଟ୍ଟୁ ପାପାତି' କହନ୍ତି। ହରିୟାଣାରେ ଏହାକୁ 'ତିଜ୍' କୁହନ୍ତି। ପ୍ରୟାଗ ରାଜ ଉତ୍ତର ପ୍ରଦେଶରେ ଏହା 'ଭଗବାନ' ନାମରେ ପରିଚିତ । କିଛି ସ୍ଥାନରେ ଏହା 'ବୀରବହୂଟି' ନାମରେ ବି ପରିଚିତ। ଉତ୍ତର ଆମେରିକାର କିଛି ସ୍ଥାନ ଖାସ୍ କରି ଦକ୍ଷିଣ ପଶ୍ଚିମ ଭାଗରେ ବି ଏହି କୀଟ ଦେଖା ଯାଆନ୍ତି। ଏଠାରେ ଏହା 'ରେନ୍ ବଗ୍' ନାମରେ ପରିଚିତ। ଏହାର ଆକାର ପ୍ରାୟ ୪ ମି.ମି.ହୋଇଥାଏ। ଏହି ସୁନ୍ଦର ପୋକଟିକୁ ଭାରତରେ ଔଷଧଭାବେ ମଧ୍ୟ ବ୍ୟବହାର କରାଯାଏ। ଏହାର କୁନି ଶରୀରରେ ମସୃଣ ଲାଲ ଲୋମ ଥାଏ, ଯାହାକି ଭେଲଭେଟ୍ ପରି ଲାଗେ। ଏହା ମଣିଷର କୌଣସି କ୍ଷତି କରି ନ ଥାଏ। ଅର୍ଥାତ୍ ଏହା କାମୁଡି ନ ଥାଏ। ତେବେ ତାଙ୍କ ଶରୀରରୁ ନିର୍ଗତ ହେଉଥିବା ଏକ ପ୍ରକାରର ତୈଳୀୟ ପଦାର୍ଥ ପାଇଁ କିଛିଟା ପୋଡିବା ପରି ଅନୁଭବ ହୋଇପାରେ। ଏହା ଉଈ, ଉଡ ଲାଇସ୍, ଛୋଟ ବୁଢିଆଣୀ ଖାଇଥାଏ। ଏହା ତା'ର ଓରାଲ ଟ୍ୟୁବ ମାଧ୍ୟମରେ ଟିକିଟା ମାଟିକୁ ନିଜ ଶୀକାର ଉପରକୁ ଛାଟି ଶୀକାରକୁ କାବୁ କରିଥାଏ। ଏହି ସୁନ୍ଦର କୀଟଟି କିନ୍ତୁ ଏବେ ଆଉ ସେତେଟା ଦେଖିବାକୁ ମିଳୁ ନାହାନ୍ତି।







# ରେଡ଼ି ଟୁ କୁକ୍ ଚିକେନ୍



କୁକୁଡ଼ା ବିଭିନ୍ନ ରଙ୍ଗର ଓ ପ୍ରକାରର ଥାଆନ୍ତି। ତେବେ ଇସ୍ରାଇଲର ଜେନେଟିସିଷ୍ଟ ଓ ପଲଟ୍ରି ବ୍ରିଡିଂ ଏକ୍ସପର୍ଟ ଅଭିଗଦୋର କାହାନର୍ ତିଆରି କରିଛନ୍ତି ଏମିତି ଏକ କୁକୁଡା ଯାହାକୁ ଦେଖି ସମସ୍ତେ ଚକିତ ହୋଇ ଯାଉଛନ୍ତି। ଏହି କୁକୁଡା ବି ସାଧାରଣ କୁକୁଡ଼ା ପରି ହେଲେ ଏହାର ଆଦୌ ପର ନାହିଁ। ସେ ଏହାକୁ ବେୟାର ନେକ କୁକୁଡା ଓ ବ୍ରଏଲର୍ କୁକୁଡାର କ୍ରସ୍ ବ୍ରିଡିଂ କରାଇ ତିଆରି କରିଛନ୍ତି। କିଏ ଏହାକୁ 'ରେଡ଼ି ଟୁ ଇଟ୍ କୁକୁଡା' କହୁଛନ୍ତି ତ ଆଉ କିଏ କାହାନର୍‌ଙ୍କୁ ଏଭଳି କୁକୁଡା ତିଆରି ପାଇଁ ନିନ୍ଦା କରୁଛନ୍ତି। ତେବେ କାହାନର୍ କହନ୍ତି, ଏହି କୁକୁଡା ବହୁତ ଉପକାରୀ। କାରଣ ଏହା ଜଲ୍ଦି ବଢେ, ଏହାର ମାଂସରେ କମ୍ ଫ୍ୟାଟ୍ ରହେ, ଏହି କୁକୁଡା କମ୍ ଖାଆନ୍ତି ଓ ଗରମ ବାତାବରଣରେ ରହିପାରନ୍ତି। କିନ୍ତୁ ଏହି କୁକୁଡାର ଏଭଳି ଶରୀର ତା' ପାଇଁ ଅନେକ ସମସ୍ୟା ବି ଆଣୁଛି। ଯେମିତିକି ଏମାନେ ଥଣ୍ଡା ବାତାବରଣରେ ରହିପାରନ୍ତି ନାହିଁ। ମଶା, ମାଛି ଏବଂ ବିଭିନ୍ନ କୀଟାଣୁ  ସହ ଲଢିବାର କ୍ଷମତା ଏହାର କମ୍। ପର ନ ଥିବା ଯୋଗୁ ସହବାସ ସମୟରେ ବି ଅସୁବିଧା ହୁଏ। ଏହି ଅଜବ କୁକୁଡାକୁ ସାଧାରଣ ଲୋକ ବି ସହଜରେ ଗ୍ରହଣ କରିପାରୁ ନାହାନ୍ତି।



## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

# ଚୋରି ମାହାତ୍ମ୍ୟ

ଯେତେବେଳେ କୌଣସି ହାଇକ୍ଲାସ୍ ଚୋରକୁ ଦେଖେ ବା ତା' ସମ୍ପର୍କରେ ଜାଣେ ଇଚ୍ଛା ହୁଏ ତା' ପାଦ ଛୁଇଁ ଆଶୀର୍ବାଦ ନେଇଯିବାକୁ। ପିଲାଟିଦିନରୁ ପଢ଼ିଛି ଓ ଦେଖିଆସୁଛି ଚୋରମାନେ କେମିତି ସମୟକ୍ରମେ ଋଷି, ଦେଶର ନେତା ନଚେତ୍ ମୋଟିଭେଟର ହେଉଛନ୍ତି । ବାଲ୍ମୀକି ହୁଅନ୍ତୁ କି ଅଙ୍ଗୁଳିମାଳା କିମ୍ବା ସେଣ୍ଟ ଡିସ୍‌ମାସ୍ ଏମାନେ ସମସ୍ତେ ଚୋର, ଖଣ୍ଟ କିମ୍ବା ଦସ୍ୟୁ ଥିଲେ । ତେଣୁ ଆଜି ଯିଏ ଚୋର କାଲି ହୁଏତ ବଡ଼ ସାଧୁ ହୋଇ ନ ବାହାରିବ କିଏ କହିବ। ସେତେବେଳେ ତାଙ୍କ ରାଜପ୍ରାସାଦ ସମ ଆଶ୍ରମକୁ ଯିବାକୁ ହେଲେ ଅନୁମତି ନେବାକୁ ହେବ। ଦର୍ଶନ କରିବାକୁ ହେଲେ ଲମ୍ବା ଲାଇନରେ ଛିଡ଼ା ହେବାକୁ ପଡ଼ିବ । ତାଙ୍କ ପାଦରୁ ଝରୁଥିବା ମକରନ୍ଦ ପାଇବାକୁ ହେଲେ ମୋଟା ଚାନ୍ଦା ଦେବାକୁ ପଡ଼ିବ। ତେଣୁ ଏତେ ଝମେଲାକୁ ଯିବା ଅପେକ୍ଷା ସହଜ ଦର୍ଶନରୁ ମିଳୁଥିବା ସମୟର ସଦୁପଯୋଗ କରିନେବା ବୁଦ୍ଧିମାନର କାମ ।

ଥରେ ଗୋଟେ ଚୋର ଜଣଙ୍କର କାଳୀ ଗାଈ ଚୋରି କରି ନଦୀ ଆରପଟେ ଥିବା ଗ୍ରାମକୁ ବିକ୍ରି କରିବାକୁ ନେଉଥିଲା । ଗାଈ ମାଲିକ ଏହା ଜାଣିପାରି ଅନ୍ୟ ଗ୍ରାମବାସୀଙ୍କ ସହ ଚୋରକୁ ଧରିବା ପାଇଁ ନଦୀ ଆଡ଼େ ଧାଇଁଲେ । ଚୋର ଗ୍ରାମବାସୀଙ୍କୁ ଦୂରରୁ ଦେଖି ବିକଳରେ ଭଗବାନଙ୍କ ଶରଣ ପଶିଲା । ସେ ତ ଭଗବାନ। ସଙ୍ଗେ ସଙ୍ଗେ ପ୍ରକଟ ହୋଇ ଦୟା କଲେ । କାଳୀ ଗାଈର ରଙ୍ଗକୁ ଧଳା କରିଦେଲେ । ଗ୍ରାମବାସୀ ଆସି ଦେଖିଲେ ଏହା ଚୋରି ହୋଇଥିବା ଗାଈ ନୁହେଁ ତେଣୁ ଚୋରକୁ ଗାଈ ସହ ଛାଡିଦେଲେ । ସେମିତି ଆଉ ଗୋଟେ କାହାଣୀ ଅଛି । ଥରେ ତୁଳସୀ ଦାସ ଜାଣିବାକୁ ପାଇଲେ ଜଣେ ଚୋର ପ୍ରତିଦିନ ରାତିରେ ତାଙ୍କ ମନ୍ଦିରରୁ ଠାକୁରଙ୍କ ପୂଜା ବାସନ ଚୋରି କରୁଛି । ସେ ଚୋରକୁ ଧରିବା ପରିବର୍ତ୍ତେ ତାକୁ ସଦ୍‌ବୁଦ୍ଧି ଦେବାକୁ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କଲେ । ପରଦିନ ପୁଣି ସେଇ ଚୋର ରାତିରେ ମନ୍ଦିରକୁ ଚୋରି କରିବାକୁ ଆସିଲା । ଚୋର ଦେଖିଲା ମନ୍ଦିର ଦ୍ୱାରରେ କେହିଜଣେ ହାତରେ ଧନୁ ଧରି ଛିଡା ହୋଇଛନ୍ତି । ଚୋର ଭାବିଲା ବୋଧେ ତୁଳସୀ ଦାସ ମନ୍ଦିରରେ ଜଣେ ନୂଆ ଜଗୁଆଳି ରଖିଛନ୍ତି। ତେଣୁ ଚୋର ସେ ଦିନ ଚୋରି ନ କରି ତା' ପରଦିନ ସକାଳେ ଭଦ୍ରଲୋକ ବେଶରେ ମନ୍ଦିରକୁ ଆସି ତୁଳସୀ ଦାସଙ୍କୁ ପଚାରିଲା ଆପଣ ତ ସାଧୁ ଲୋକ ପୁଣି ନିଜ ସୁରକ୍ଷା ପାଇଁ ଜଗୁଆଳି କ'ଣ ଲାଗି ରଖିଛନ୍ତି ! ତୁଳସୀ ଦାସ ଆଶ୍ଚର୍ଯ୍ୟ ହୋଇ ସେ ଜଗୁଆଳି କେମିତି ଦେଖିବାକୁ ପଚାରିଲେ। ଚୋରଠାରୁ ଜଗୁଆଳିର ବର୍ଣ୍ଣନା ଶୁଣି ତୁଳସୀ ଦାସ ଭାବବିହ୍ୱଳ ହୋଇ କହିଲେ ଯାହାଙ୍କ ଦର୍ଶନ ପାଇଁ ମୁଁ ଦିନ ଦିନ ଧରି କଠୋର ତପସ୍ୟା କରୁଛି ତୁ ଚୋର ହୋଇ ତାଙ୍କର ପ୍ରତ୍ୟକ୍ଷ ଦର୍ଶନ କରିଲୁ ।

ଏମିତି କାହାଣୀ ପୃଥିବୀର ପ୍ରାୟ ଅଧିକାଂଶ ଧର୍ମଗ୍ରନ୍ଥରେ ଦେଖିବାକୁ ମିଳିବ। ଏସବୁ କାହାଣୀ ଭିତରେ ଗୋଟିଏ ସମାନତା ଦେଖିବାକୁ ମିଳେ। ଅନୈତିକ କାମରେ ଲିପ୍ତ ଥିଲା ବେଳେ ରତ୍ନାକର ଭଗବାନଙ୍କ, ଅଙ୍ଗୁଳିମାଳା ବୁଦ୍ଧଦେବଙ୍କ ଓ ଡିସ୍‌ମାସ୍ ଯିଶୁଙ୍କ ସାକ୍ଷାତ୍ ଦର୍ଶନ ପାଇଥିଲେ। ଅନ୍ୟପକ୍ଷରେ ସେହି ପୁରାଣଗୁଡ଼ିକରେ ବର୍ଣ୍ଣିତ ଅଛି ମୁନି ଋଷି ଜ୍ଞାନୀ ସାଧୁମାନେ ଭଗବାନଙ୍କୁ ପାଇବା ପାଇଁ ହିମାଳୟ ପର୍ବତର ବରଫ ଗୁମ୍ଫାରେ ଅଖିଆ ଅପିଆ କଙ୍କାଳସାର ହେବା ଯାଏ ତପସ୍ୟା କରୁଥିଲେ ।

ମୁଁ ପିଲାଦିନେ ଦେଖିଛି, କାହା ଘରୁ ବାସନ କି ଲୁଗା ଚୋରି ହେଲେ କିମ୍ବା ଅନ୍ଧାରୁଆ ରାସ୍ତାରେ କାହାର ଛିନ୍‌ତାଇ ହେଲେ ଆମ ଗାଁର ଦିନା ଚୋରକୁ ଖୋଜା ପଡୁଥିଲା । ଗ୍ରାମବାସୀ ଅନେକଥର ତା' ମୁହଁରେ କଳା ରଙ୍ଗ ବୋଳି ଉଦୁଉଦିଆ ଖରା ବେଳେ ଗାଁ ମଝିରେ ବେଣ୍ଟିଆ କରି ବସେଇଥିବାର ମୁଁ ଦେଖିଛି । କିନ୍ତୁ ଦିନା ଚୋରର ଗୋଟେ ଭଲ ଗୁଣ ଥିଲା କି ବର୍ଷା, କି ଶୀତ ସବୁଦିନ ସକାଳୁ ଗାଧୋଇ ଠାକୁର ଦର୍ଶନ କରି ମଥାରେ ଲମ୍ବା ଚିତା ମାରୁଥିଲା । ମୋ ପିଲାଦିନ କଥା ଆଜିକୁ ନାହିଁ । ଏବେ ଦିନା




ଚୋର କାହିଁ କେତେ ଉପରେ । ଏକ ପ୍ରମୁଖ ରାଜନୈତିକ ଦଳର ତୁଙ୍ଗ ନେତା । ଦିନା ଚୋର ଆଜି ଦୀନବନ୍ଧୁ ବାବୁ ନଚେତ ବଡ଼ ସାର୍ । ହାଇସ୍କୁଲ ପ୍ରଧାନ ଶିକ୍ଷକ ଯିଏ ଅବସର ପରେ ଏବେ ଗ୍ରାମ ସଭାପତି ହୋଇଛନ୍ତି ସେ ଦୀନବନ୍ଧୁ ସାର୍‌ଙ୍କୁ ଦେଖିଲେ ଖଣ୍ଡେ ଦୂରରୁ ଧନୁପରି ନଇଁ ମୁଣ୍ଡିଆ ମାରୁଛନ୍ତି। ଯେଉଁ ଲୋକ ଦିନେ ଲୁଗା ଚୋରି ପାଇଁ ଦିନା ଚୋରକୁ ହାତଗୋଡ଼ ବାନ୍ଧି ଆଣ୍ଠୁଆ ବସେଇଥିଲା ତା' ପୁଅ ଆଜି ଦୀନବନ୍ଧୁ ସାର୍‌ଙ୍କ ପଛରେ ଜୟ ନାରା ଦେଉଛି । ଧନ ଜନ ଗୋପ ଲକ୍ଷ୍ମୀ କୌଣସିଟିରେ ବାବୁଙ୍କ ଅଭାବ ନାହିଁ । ଏସବୁ ଭଗବାନଙ୍କ ଆଶୀର୍ବାଦ ନୁହେଁ ତ ଆଉ କ'ଣ ! ଭାଷଣରେ ବାବୁଙ୍କ କେବଳ ଗୋଟିଏ କଥା, ତାଙ୍କ ଜୀବନର ଲକ୍ଷ୍ୟ ହେଲା ଲୋକଙ୍କ ସେବା । ଖାସ୍ ସେଇଥିପାଇଁ ସେ ରାଜନୀତିରେ ଅଛନ୍ତି । ଲୋକମାନଙ୍କ ଧାରଣା ଏ ଭବସାଗରରୁ ଉଦ୍ଧାର ପାଇବାକୁ ଏକା ଦୀନବନ୍ଧୁ ବାବୁଙ୍କ ସେବା ହିଁ ସାହା । ସେ ମହାର୍ଘ ସେବାର ଆଶା ଦେଖେଇ ବାବୁ ପ୍ରତିଥର ନିର୍ବାଚନ ନିର୍ଦ୍ୱନ୍ଦ୍ୱରେ ଜିତିଯାଆନ୍ତି । ଅନ୍ୟପକ୍ଷରେ ପିଲାଟିଦିନରୁ କିଛି ଗାନ୍ଧିବାଦୀ ଦେଶ ସେବକଙ୍କୁ ଦେଖିଆସୁଛି। ଆଜି ଏଠି ଆମରଣ ଅନଶନ ତ କାଲି କେଉଁଠି ମଦ ଦୋକାନ ଆଗରେ ଆନ୍ଦୋଳନ । ପ୍ରତିବାଦ ବିକ୍ଷୋଭ ଭିତରେ ଏମାନଙ୍କ ଜୀବନ କାଳ ସରିବାକୁ ବସିଲାଣି। ହେଲେ ନା ଦେଶର ନା ତାଙ୍କ ନିଜର କାହାର ବି ଉନ୍ନତି ହେବାର ଦେଖିଲି ନାହିଁ । ସେମାନଙ୍କ ଅବସ୍ଥା ଯେଉଁ ତିମିରେକୁ ସେଇ ତିମିରେ । ସେଇ ପୁରୁଣା ଖଣ୍ଡେ କି ଦି ଖଣ୍ଡ ଖଦିରେ ଜୀବନ ସରିଗଲା ପଛେ କିଛି ଆଖିଦୃଶିଆ ପରିବର୍ତ୍ତନ ହେବାର ଦେଖିଲି ନାହିଁ । କୁହାଯାଏ ମାନବ ସେବା ମାଧବ ସେବା । ଜୀବନର ବାସ୍ତବତାକୁ ଦେଖି ଏତିକି ପ୍ରମାଣ ପାଇଲି, ଦିନା ଚୋର ଓରଫ ଦୀନବନ୍ଧୁ ସାର୍‌ଙ୍କ ସେବାକୁ ନାରାୟଣ ବୈଧ ଘୋଷଣା କରିଥିଲା ବେଳେ ଗାନ୍ଧିବାଦୀମାନଙ୍କ ସେବାକୁ ମାନ୍ୟତା ଦେଇନାହାନ୍ତି ।

କେବଳ ଚୋର ନୁହେଁ ଚୋରି ବି ପ୍ରଭୁଙ୍କ ଅତି ପ୍ରିୟ । ପ୍ରଭୁଙ୍କ ଜୀବନ ଚରିତର ପ୍ରମୁଖ ଅଂଶ ଚୋରି ଉପରେ ଆଧାରିତ । ଆମ ପୁରାଣ ଗ୍ରନ୍ଥମାନଙ୍କର ଅଧାରୁ ଅଧିକ ପୃଷ୍ଠାରେ ଶକ୍ତି ହରଣ, ସୀତା ହରଣ, କର୍ଣ୍ଣକୁଣ୍ଡଳ ହରଣ, ଲହୁଣି ଚୋରି, ବସ୍ତ୍ର ହରଣ, ବୃନ୍ଦାବତୀ ଓ ରୁକ୍ମିଣୀ ହରଣ ଭଳି ଅନେକ ହରଣ ଘଟଣା ପଛର ଯୁକ୍ତିଯୁକ୍ତ କାରଣ ଓ ମହିମା ଆଲୋଚିତ। ବାକି ପୃଷ୍ଠାଗୁଡ଼ିକ ପ୍ରଭୁଙ୍କ ମହିମାର ସମ୍ପୂର୍ଣ୍ଣ ଗୁଣନ, ଫେଡାଣ, ମିଶାଣରେ ସୀମିତ ।

କେବଳ ପୁରାଣ ନୁହେଁ ଆମ ଭାଷା ସାହିତ୍ୟରେ ଗପ ହେଉ କି ଉପନ୍ୟାସ ଅଣ୍ଡାଳିଲେ ଏପରି ଅନେକ ଚରିତ୍ର ପାଇବେ, ଯେଉଁଠି ଚୋର ସିଧା ରାଜକୁମାରୀଙ୍କୁ ପ୍ରେମ କରୁଥିବ । ଏପରି ଅନେକ ଗପ ଅଛି ଯେଉଁଠି ନାୟକକୁ ଚୋର ଅଥଚ ଉତ୍ତମ ପ୍ରେମିକ ଭାବେ ବର୍ଣ୍ଣନା କରାଯାଇଛି । ଧନୀ ଲୋକଙ୍କଠାରୁ ଚୋରି କରି ଗରିବ ଲୋକଙ୍କୁ ବାଣ୍ଟୁଥିବା ପ୍ରେମିକ । ପ୍ରେମିକା କେଶରେ ଖୋସିବା ପାଇଁ ପ୍ରେମିକ ନିଜ ଜୀବନକୁ ବାଜି ଲଗେଇ ବୁଢ଼ିଅସୁରୁଣୀ ବଗିଚାରୁ ଗେଣ୍ଡୁଫୁଲ ଚୋରି କରିବା ଭଳି ଅନେକ କାହାଣୀ ଆମ ସାହିତ୍ୟରେ ମାଳ ମାଳ । ଥରେ ଜଣେ ଭକ୍ତ ସ୍ୱାମୀ ଗଭୀରଜ୍ଞାନଙ୍କୁ ପଚାରିଲା– "ସ୍ୱାମିଜୀ ପିଲାଟିଦିନରୁ ଆମକୁ ଗୁରୁଜନମାନେ କହିଆସୁଛନ୍ତି ଚୋରି ପାପ କିନ୍ତୁ ଏବେ ଦେଖୁଛୁ ଚୋରମାନେ ସମାଜରେ ସମ୍ମାନିତ ହେବା ସହ ଭଗବାନଙ୍କ ଆଶୀର୍ବାଦରୁ ଧନଧାନ୍ୟରେ ପରିପୂର୍ଣ୍ଣ ଜୀବନ ବିତାଉଛନ୍ତି।" ଏହାର ଉତ୍ତରରେ ସ୍ୱାମିଜୀ କହିଲେ "ଚୋରି କେବେ ଖରାପ ନୁହେଁ । ଚୋରି ଫୁଲରେ ପୂଜା କଲେ ଠାକୁର ଅଧିକ ଖୁସି ହୁଅନ୍ତି । ସେଇଥିପାଇଁ ଅନେକ ଉଚ୍ଚଶିକ୍ଷିତ ଲୋକ ପ୍ରଭାତ ଭ୍ରମଣ ସମୟରେ ଅନ୍ୟ ବଗିଚାରୁ ଫୁଲ ଚୋରି କରନ୍ତି । ଶ୍ରୀମଦ୍ ଭଗବଦ୍ ଗୀତାର ନବମ ଅଧ୍ୟାୟର ତିରିଶତମ ଶ୍ଳୋକରେ ପ୍ରଭୁ ସ୍ୱୟଂ କହିଛନ୍ତି– ଦୁର୍ଜନରୁ ଦୁର୍ଜନ ବ୍ୟକ୍ତି ଯଦି ଭକ୍ତିରେ ପ୍ରଭୁଙ୍କ ନାମ ସୁମରଣ କରନ୍ତି ତେବେ ତାଙ୍କୁ ସାଧୁ କୁହାଯିବ । ତା'ର ସବୁ କୁକର୍ମ ଧୋଇଯିବ। ଅନ୍ୟଅର୍ଥରେ କହିଲେ ଚୋରି କିମ୍ବା ଚୋରିଧନ ଖରାପ ନୁହଁ ଯଦି ସ୍ୱାର୍ଥପର ଭାବେ ସବୁ ଏକା ଏକା ହଜମ ନ କରି କିଛି ମାନବ ସେବାପାଇଁ ଓ କିଛି ଆମ ଭଳି ଧର୍ମରକ୍ଷକମାନଙ୍କ ମହତ କାମକୁ ଦାନ ଦେବା ସହ ନିତ୍ୟ ଚୋରି ଫୁଲ ପ୍ରଭୁଙ୍କୁ ଭକ୍ତି ସହିତ ଅର୍ପଣ କରି ନାରାୟଣ ନାମ ଜପ କରିବ ତେବେ ବୈକୁଣ୍ଠ ପ୍ରାପ୍ତି ନିଶ୍ଚେ ପାଇବ ।"

ଅତଏବ ଏଥିରୁ ଆମ୍ଭେ ଏହି ସିଦ୍ଧାନ୍ତରେ ଉପନୀତ ହେଲୁ ଯେ ସୁଦୂର ହିମାଳୟ ଯାଇ କୁସ୍ତର୍ ତପସ୍ୟା କରିବା ଅପେକ୍ଷା ଚୋରିର ବିଭିନ୍ନ ଟେକ୍‌ନିକ୍ ଏକ୍ସପେରିମେଣ୍ଟ କରିବା ଅଧିକ ପ୍ରାଗ୍‌ମାଟିକ୍ ସାଧନା।

*– ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ସବୁଜ ବିଜ୍ଞାନ

**ବିଜୟ କେତନ ପଟ୍ଟନାୟକ, ପ୍ରକାଶକ–ଗ୍ରନ୍ଥ ମନ୍ଦିର ବିନୋଦ ବିହାରୀ, କଟକ–୨, ମୂଲ୍ୟ–୧୫୦ଟଙ୍କା**


'ସବୁଜ ବିଜ୍ଞାନ' ବିଜୟ କେତନ ପଟ୍ଟନାୟକଙ୍କ ପୁସ୍ତକ। ଏଥିରେ ୨୮ଗୋଟି ଉଚ୍ଚ କୋଟିର ପ୍ରବନ୍ଧ ସ୍ଥାନ ପାଇଛି। ଆମ ପରିବେଶ ଓ ଏହାର ଅବଶ୍ୟକତା, ଜଙ୍ଗଲ ଅବକ୍ଷୟ, ଉତ୍ତପ୍ତ ବିଶ୍ୱ, ସବୁଜ ପର୍ଯ୍ୟଟନ, ଜଳବାୟୁ ପରିବର୍ତ୍ତନ ଓ ଜୈବ ବିବିଧତା ଭଳି ଅନେକ ବିଷୟରେ ଲେଖକ ଆଲୋଚନା କରିଛନ୍ତି । ବିଗତ କିଛି ଦଶନ୍ଧି ଧରି ଲକ୍ଷ୍ୟ କରାଯାଉଛି, କ୍ରମାଗତ ଜନସଂଖ୍ୟା ବୃଦ୍ଧି ଓ ପରିବର୍ତ୍ତିତ ଜୀବନଶୈଳୀ ପରିବେଶ ତଥା ପ୍ରାକୃତିକ ସମ୍ବଳ ଉପରେ ଚାପ ସୃଷ୍ଟି କରୁଛି। ଶିଳ୍ପାୟନ ଓ ପରିବହନ ଯୋଗୁ ବାୟୁମଣ୍ଡଳକୁ ସବୁଜ କୋଠରୀ ବାଷ୍ପ ପରିମାଣ ବଢ଼ି ଚାଲିଛି। ସବୁଜକୋଠରୀ ବାଷ୍ପର ସିଂହଭାଗ ହେଉଛି ଅଙ୍ଗାରକାମ୍ଳ । ଏହା ୮୦ ପ୍ରତିଶତ ଜୀବାଶ୍ମ ଦହନରୁ ଅବଶିଷ୍ଟ ୨୦ ପ୍ରତିଶତ ଜଙ୍ଗଲ ଅବକ୍ଷୟରୁ ଆସିଥାଏ। ଜଙ୍ଗଲ କ୍ଷୟ ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ହୋଇଛି । ପୁସ୍ତକର ଭବିଷ୍ୟତ ଉଜ୍ଜ୍ୱଳ ।




### ଭାଷା ଭାବନା

**ବୈଷ୍ଣବ ଚରଣ ପରିଡ଼ା, ପ୍ରକାଶକ–ବୈଷ୍ଣବ ପରିଡ଼ା ସ୍ମୃତି ନ୍ୟାସ ଭୁବନେଶ୍ୱର, ମୂଲ୍ୟ–୧୦୦ଟଙ୍କା**


'ଭାଷା ଭାବନା' ବୈଷ୍ଣବ ଚରଣ ପରିଡ଼ାଙ୍କ ପୁସ୍ତକ। ଏଥିରେ ୧୫ଟି ପ୍ରବନ୍ଧ ପ୍ରକାଶିତ ହୋଇଛି। ଭାଷା ହେଉଛି ପ୍ରତ୍ୟେକ ଜାତିର ବୈଦ୍ଧିକ ସମ୍ପଦ। ଦୁନିଆର ପ୍ରତ୍ୟେକଟି ଭାଷା ହେଉଛି ଗୋଟିଏ ଗୋଟିଏ ମାତୃଭାଷା। ସେହିଭଳି ଓଡ଼ିଆ ଆମର ମାତୃଭାଷା। ଅଢେଇ ହଜାର ବର୍ଷ ହେବ ଓଡ଼ିଆ ଭାଷା ଓଡ଼ିଆମାନଙ୍କର ଗର୍ବ, ଗୌରବ ଓ ଅସ୍ମିତାର କାରଣ ହୋଇ ରହିଛି । ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ମିଳିଛି। ଭାରତର ଡୋନାଲ୍ଡସନ୍‌ଙ୍କ ଦ୍ୱାରା ପ୍ରକାଶିତ ୪ଟି ବିରାଟ ଗ୍ରନ୍ଥରେ ଓଡ଼ିଶା ଅତୀତର ଅଜଣା କଳା, ଇତିହାସ, ଧର୍ମ, ସ୍ଥାପତ୍ୟ ଓ ସଂସ୍କୃତି ବିଷୟରେ ପ୍ରକାଶ ପାଇଛି। ଯାହା ଆମର ଅନନ୍ୟ ଅସ୍ମିତା ଓ ଗୌରବର ସାକ୍ଷୀ। ଭାଷା ସମ୍ପର୍କିତ ଲେଖାର ସଂକଳିତ ରୂପ ହେଉଛି 'ଭାଷା ଭାବନା' । ଏହା ପାଠକାଦୃତି ଲାଭ କରିବ ବୋଲି ଆଶା।




### ହସୀନା ବୀ ର ଘର

**ଅନୁସୃଜନ ମିନତି ପଟନାୟକ, ପ୍ରକାଶକ– ସୃଜନ ସ୍ୱପ୍ନ , ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର–୧୮**

ପଦ୍ମଶ୍ରୀ ଡକ୍ଟର ଉଷା କିରଣ ଖାନ୍, ମୈଥିଳୀ ସାହିତ୍ୟର ଏକ ସୁପରିଚିତ ସ୍ୱାକ୍ଷର। ତାଙ୍କ ରଚିତ 'ହସୀନା ମଂଜିଲ' ମିଥିଳା ଜନଜୀବନର ଗୋଟିଏ ବର୍ଗର ଜୀବନ ଯାତ୍ରାର ସଜୀବ ଚିତ୍ରପଟ୍ଟ। ମିଥିଳାର ଜୀବନ, ଚରିତ୍ର, ଖଦୀ ପରିଧେୟ, ଚିନ୍ତାଧାରର ଶୈଳୀ ଉପନ୍ୟାସଟିରେ ଜୀବନ୍ତ। ଏହାର ଅନୁସୃଜନ କରିଛନ୍ତି ମିନତି ପଟନାୟକ। ଉପନ୍ୟାସଟି ପାଠକଙ୍କୁ ମୈଥିଳି ସଭ୍ୟତା ସହିତ ଯୋଡିଦିଏ। ମିଥିଳାର କଳା ମଧୁବନୀ ଚିତ୍ରକଳା ସହିତ କଳା ମନସ୍କ ବ୍ୟକ୍ତିଙ୍କୁ କିଭଳି ଆକର୍ଷିତ କରିଛି ତାହାର ବର୍ଣ୍ଣନା ଉଷା କିରଣ କରିଛନ୍ତି। ହସୀନା ବୀ ର ଘର ଲାଖ ଚୁଡି ତିଆରି କରୁଥିବା ନାରୀର ଘର । ହସୀନାର ଦାୟିତ୍ୱ ବୋଧ ଦେଶ ନ ଛାଡିବାର ଜିଦ୍, ସମାଜରରେ ଯୋଡି ହୋଇ ରହିବାର ମାନସିକତା ତାଙ୍କୁ ଜଣେ ଦୃଢମନା ନାରୀ ଭାବରେ ପରିଚିତ କରାଇଛି। ପୁସ୍ତକଟି ପାଠକଲେ ନିଶ୍ଚୟ ଶେଷ କରିବାକୁ ଇଚ୍ଛା ହେବ ।



# ହାଇ ହିଲ ପିନ୍ଧି ଦୌଡିଲେ

ମହିଳାଙ୍କୁ ଷ୍ଟାଇଲିଶ୍ ଲୁକ ଦିଏ ହାଇ ହିଲ୍। ହେଲେ ଏହାକୁ ଅଧିକ ସମୟ ପିନ୍ଧି ଚାଲିଲେ ଯନ୍ତ୍ରଣା ହୁଏ। ତେଣୁ ଏହାକୁ ପିନ୍ଧି ଦୌଡିବା କଥା ତ ଭାବି ହେବନି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜଣେ ବ୍ୟକ୍ତି ହାଇ ହିଲ ପିନ୍ଧି ଦ୍ରୁତ ବେଗରେ ଦୌଡି ୱାର୍ଲଡ ରେକର୍ଡ କରିଛନ୍ତି। ସେ ହେଉଛନ୍ତି ୩୪ ବର୍ଷୀୟ ଖ୍ରୀଷ୍ଟିୟାନ ରୋବେର୍ଟୋ ଲୋପେଜ୍ ରୋଡ୍ରିଗେଜ୍। ସ୍ପେନ୍‌ର ରୋଡ୍ରିଗେଜ୍ ୭ସେ.ମି. ଉଚ୍ଚତାର ହାଇ ହିଲ ପିନ୍ଧି ୧୦୦ ମିଟର ସ୍ପ୍ରିଣ୍ଟକୁ ମାତ୍ର ୧୨.୮୨ ସେକେଣ୍ଡରେ ପାର୍ କରି ଉକ୍ତ ରେକର୍ଡ କରିଛନ୍ତି। ଉସେନ୍ ବୋଲ୍ଟଙ୍କ ୧୦୦ ମିଟର ସ୍ପ୍ରିଣ୍ଟ ରେକର୍ଡ ଠାରୁ ଏହା ମାତ୍ର ୩.୨୪ ସେକେଣ୍ଡ କମ୍। ରୋଡ୍ରିଗେଜ୍ କୁହନ୍ତି, 'ସ୍ପେନ୍‌ରେ ଏଭଳି ହାଇ ହିଲ୍ ପିନ୍ଧା ରେସ୍‌ର



ଆୟୋଜନ ହୁଏ ଓ ମୁଁ ସେଥିରେ ଅଂଶ ଗ୍ରହଣ କରି ଅନେକ ଥର ସଫଳ ହେଇଥିଲି। ଏହା ହିଁ ମତେ ସାହାଯ୍ୟ କରିଥିଲା ହାଇ ହିଲ ପିନ୍ଧି ଦ୍ରୁତ ଗତିରେ ୧୦୦ ମିଟର୍ ଦୌଡି ଗିନିଜ ୱାର୍ଲଡ କରିବା ପାଇଁ। ଏହି ରେକର୍ଡ ବ୍ୟତିତ ରୋଡ୍ରିଗେଜ୍‌ଙ୍କ ନାମରେ ଆହୁରି ୫୦ଟି ୱାର୍ଲଡ ରେକର୍ଡ ଅଛି। ଯେଉଁଥିରେ ଦ୍ରୁତ ବେଗରେ ପଛୁଆ ୧୦୦ ମିଟର ଦୌଡ, ଥୋମଣିରେ ସାଇକେଲକୁ ୯ ମିନିଟ ୪୧ ସେକେଣ୍ଡ ପର୍ଯ୍ୟନ୍ତ ରଖିବା ଆଦି ଅନ୍ତର୍ଭୁକ୍ତ।





# ପେପର୍ କପ୍‌ରେ ଦର୍ଶନୀୟ ସ୍ଥାନ

ତୁର୍କୀର ୨୬ ବର୍ଷୀୟ ବର୍କ ଅର୍ମାଗନ୍‌ଙ୍କୁ ଭଲ ଲାଗେ ପୃଥିବୀର ବିଭିନ୍ନ ସ୍ଥାନ ଭ୍ରମଣ କରିବା। ତା'ସହ ତାଙ୍କୁ ଭଲ ଲାଗେ ସେହି ସବୁ ସ୍ଥାନରେ ଥିବା ପ୍ରସିଦ୍ଧ ଐତିହାସିକ ସ୍ମାରକୀ ଗୁଡିକର ଚିତ୍ର ପେପର୍ କପ୍‌ରେ ଆଙ୍କିବା। ତୁର୍କୀ, ଇସ୍ତାନବୁଲର ଅର୍ମାଗନ ଚିତ୍ରକଳାରେ କୌଣସି ବିଧିବଦ୍ଧ ତାଲିମ ନେଇ ନାହାନ୍ତି। ତଥାପି ସେ ଐତିହାସିକ ସ୍ମାରକୀଗୁଡିକର ଅବିକଳ ଚିତ୍ର କରିପାରନ୍ତି। ଅର୍ମାଗନ କୁହନ୍ତି, '୨୦୧୫ରେ ମୁଁ ମୋର ଜଣେ ଭଲ ବନ୍ଧୁଙ୍କୁ କିଛି ଖାସ୍ ଉପହାର ଦେବାକୁ ଯାଇ ପେପର୍ କପ୍ ଆର୍ଟ କରିବାକୁ ନିଷ୍ପତ୍ତି ନେଇଥିଲି। ତାହା ହିଁ ମୋର ପ୍ରଥମ ପେପର୍ କପ୍ ଆର୍ଟ ଥିଲା।' ଏହାପରେ ଅର୍ମାଗନ ଐତିହାସିକ ସ୍ମାରକୀଗୁଡିକର ଚିତ୍ର କରି ବିକ୍ରି କରିବା ଆରମ୍ଭ କଲେ। ଆଉ ଯାହା ଅର୍ଥ ମିଳିଲା ତାକୁ ସେ ବିଭିନ୍ନ ସ୍ଥାନ ଭ୍ରମଣ ପାଇଁ ଖର୍ଚ୍ଚ କଲେ। ତା'ସହ ସେ ଯେଉଁ ସ୍ଥାନକୁ ବି ଗଲେ ସେଠାକାର ରାସ୍ତା, ଗଳିକନ୍ଦିରେ ବସି ପେପର୍ କପ୍‌ରେ ସେଠାକାର ସ୍ମାରକୀଗୁଡିକର ଚିତ୍ର କଲେ। ଆଉ ଲୋକେ ତାଙ୍କର ଚମତ୍କାର ଚିତ୍ରକଳାକୁ ଦେଖି ଖୁସିରେ କିଣିଲେ। ଏହିଭଳି ଭାବେ ସେ ଟଙ୍କା ଜମା କରି ଆଜି ପର୍ଯ୍ୟନ୍ତ ୨୫ଟି ଦେଶ ଓ ୫୭ଟି ସହର ଭ୍ରମଣ କରିସାରିଲେଣି। ଲକ୍ଷ୍ୟ ଅଛି ନିଜ ଚିତ୍ରକଳା ମାଧ୍ୟମରେ ସେ ସାରା ପୃଥିବୀ ଭ୍ରମଣ କରିବେ।





# ସୁପର୍ ଗାଡି

ଗାଡି ବିଭିନ୍ନ ପ୍ରକାରର ଥାଏ। ସେଗୁଡ଼ିକର ବୈଶିଷ୍ଟ୍ୟ ବି ଭିନ୍ନ ଭିନ୍ନ ଥାଏ। ତେବେ ଆମେ ଏଠାରେ ଏମିତି ଏକ ଗାଡି ସମ୍ପର୍କରେ କହୁଛୁ ଯାହା ବେଶ୍ ଅଜବ। କିନ୍ତୁ ବେଶ୍ ଉପଯୋଗୀ। ଫିନ୍‌ଲାଣ୍ଡର ଏକ କମ୍ପାନୀ ତିଆରି କରିଥିବା ଏହି ଗାଡିର ଅଠରଟି ଚକ ଅଛି। ଆଉ ଏହା ସମତଳ ହେଉକି ପାହାଡିଆ ସବୁ ପ୍ରକାରର ଭୂଭାଗରେ ବେଶ୍ ଆରାମରେ ଚାଲି ପାରେ। ଏହାର ଚକଗୁଡ଼ିକ ଛୋଟ ଛୋଟ ଓ ପ୍ରତି ଚକର ନିଜସ୍ୱ ସସ୍‌ପେନ୍‌ସନ୍ ସିଷ୍ଟମ୍ ଅଛି। ଗାଡିଟି ଅଧିକ ବଡ଼ ମଧ୍ୟ ନୁହେଁ। ଯଦ୍ୱାରାକି ଭୂମି ଉପରଭାଗ ଚକରେ ଦାବି ହୋଇ ଖରାପ ହେବା ଆଶଙ୍କା ନ ଥାଏ। ଏହାର ଉନ୍ନତ ସସ୍‌ପେନ୍‌ସନ୍ ସିଷ୍ଟମ ପାଇଁ ଗାଡିଟି ସବୁ ପ୍ରକାରର ଭୂଭାଗରେ ଚାଲିପାରେ। ପାହାଡିଆ, ସମତଳ, କାଦୁଅ ସହ ବାଲି ଥିବା ରାସ୍ତା ସବୁଠି ଏହା ଆରାମରେ ଯାଇପାରେ। ଏମିତିକି ୧୪ ଇଞ୍ଚ ଉଚ୍ଚତାର ପଥର ଉପରେ ଗାଡିଟି ଚଢିକି ଯାଇପାରେ, ଶିଡି ମଧ୍ୟ ଚଢିପାରେ। ଏହାକୁ ଚଳାଇବା ବି ବେଶ୍ ସହଜ। କାରଣ ଏହାର ଆକାର ଅନ୍ୟ ଅଲ୍ ଟେରାନ ଭେହିକାଲ ବା ଏଟିଭିଠାରୁ ଛୋଟ।

